Digitized by srujanika@gmail.com

ଶୂନ୍ୟ ଉପତ୍ୟକା

ଅନିଲ କୁମାର ପାଢ଼ୀ

Digitized by srujanika@gmail.com

॥ ଛାୟା
ଉପଛାୟା ॥

© ରବୀନ୍ଦ୍ର କୁମାର ପାଢ଼ୀ

॥ ପ୍ରଚ୍ଛଦ ॥

ଅସୀମ ବସୁ

॥ ମୁଦ୍ରଣ ॥

ଉଦ୍ୟୋଗ ପ୍ରିଣ୍ଟର୍ସ

ଭୁବନେଶ୍ୱର

॥ ପ୍ରକାଶନ ॥

ମୟୁର ପବ୍ଲିକେସନ୍ସ୍

ଭୁବନେଶ୍ୱର

୧୯୮୯

ମୂଲ୍ୟ : ବତିଶି ଟଙ୍କା

CHHAYA UPACHHAYA—**Rabindra Kumar Parhi**
1989
Cover Design : Asim Basu, Printer : Udyog Printers, Bhubaneswar.

Published By : MAYUR PUBLICATIONS, C-5, Unit-3, Kharavela Nagar, Bhubaneswer - 751001,

Price : Rs. 32/-

Digitized by srujanika@gmail.com

ଛାୟା
ଉପଛାୟା
ସମ୍ପର୍କରେ ....
ଚଉଧୁରୀ ହେମକାନ୍ତ ମିଶ୍ର

ବହୁ ବର୍ଷ ତଳର ଏକ ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ଏ ସ୍ୱପ୍ନ କେବଳ କବି ରବୀନ୍ଦ୍ରକୁମାର ପାଢ଼ୀଙ୍କର ନୁହେଁ । ଏଥିରେ ସାମିଲ୍ ହୋଇଥିଲେ ଯେଉଁ କେତେଜଣ; ସେମାନଙ୍କ ଭିତରୁ ମୁଁ ଜଣେ ।

ରବୀନ୍ଦ୍ରକୁମାର ପାଢ଼ୀ ଓଡ଼ିଆ କବିତା କ୍ଷେତ୍ରରେ ସୁପରିଚିତ । ତାଙ୍କର କବିତାର ମଧୁମୟ ଛନ୍ଦ, ଚିତ୍ରକଳ୍ପର ସୁକୁମାର ପ୍ରୟୋଗ, ନାନା ପ୍ରକାରର ପରୀକ୍ଷାନିରୀକ୍ଷା ସାଙ୍ଗକୁ ଏକ ନିଷ୍କପଟ ସରଳ ମଣିଷର ମନଛୁଆଁ ଅବବୋଧ ଏହି କବିତା ସଙ୍କଳନର ଛତ୍ରେ ଛତ୍ରେ ପରିସ୍ଫୁଟ । କଲିକତାରେ ଅବସ୍ଥାନ କାଳରେ ମୁଁ "ତରଙ୍ଗ"ର ସମ୍ପାଦନା କରୁଥିଲାବେଳେ ରବିବାବୁଙ୍କ ସଙ୍ଗେ ପରିଚୟ ହୋଇଥିଲା । ଏହି ବନ୍ଧୁତା ଅମ୍ଳାନ ରହିଛି ଅଦ୍ୟାବଧି । ଏ ମଧ୍ୟରେ ତାଙ୍କର କବିମାନସର ମଧ୍ୟ ଅବଶ୍ୟମ୍ଭାବୀ ବିକାଶ ଘଟିଛି । ପ୍ରଥମ କବିତା ସଙ୍କଳନ 'ଉନ୍ମେଷ'ରେ ସେ ଲେଖିଥିଲେ "ଉନ୍ମେଷ ହେଉ ମୋର ଅସ୍ତମାରୀ ଅଶାନ୍ତ ଆତ୍ମାର" । ଏକାନ୍ତ ବ୍ୟକ୍ତିଗତ କାମନା ନୁହେଁ, ବରଂ ପ୍ରେରଣାର ଉତ୍ସ ହିସାବରେ ଏହି ଉକ୍ତିକୁ ଗ୍ରହଣ କଲେ ରବିବାବୁଙ୍କ କବିତାକୁ ବୁଝିହେବ । ଏବେତ "ଅସ୍ତମାରୀ ଅଶାନ୍ତ ଆତ୍ମା"କୁ ନିଜ ମଧ୍ୟରେ ଅନୁଭବ କରିବାର ଏକ ଅଭୂତପୂର୍ବ କ୍ଷମତା ତାଙ୍କର ରହିଛି । ଏହି ବହୁଳ ସତ୍ତା ମଧ୍ୟରୁ ପ୍ରତ୍ୟେକଟି ଅଶାନ୍ତ ହୋଇଥିବାରୁ ଏକ ଶାନ୍ତିର କାମନା ମଧ୍ୟ ଏହି ଉକ୍ତି ମଧ୍ୟରେ ପ୍ରଚ୍ଛନ୍ନ ରହିଛି । ତାଙ୍କ କବିତା ମଧ୍ୟରେ ଆତ୍ମଜିଜ୍ଞାସା ଓ ସ୍ୱପ୍ନଭଙ୍ଗ, ଜୀବନଦର୍ଶନ ଓ ଉପଲବ୍ଧି କେବେ ପ୍ରଚ୍ଛନ୍ନ ତ କେତେବେଳେ ପରିବ୍ୟାପ୍ତ ।

ସାଧାରଣତଃ କବିତାର ସମାଲୋଚକ କେତେକ "ପ୍ରଭବ" ଖୋଜିଥାଏ । ଏପରି କରିବା ସମ୍ଭବ ହେଲେ ମୂଳ ପ୍ରଭବ ଉପରେ ଯେତେକ ଆଲୋଚନା ମିଳିଥାଏ ସେଗୁଡ଼ିକ ଆଲୋଚ୍ୟ କବିତା ଉପରେ ପ୍ରକ୍ଷେପ କରି ବିସ୍ତାରିତ ସମାଲୋଚନା ସମ୍ଭବ ହେବ । ଏଥିସଙ୍ଗେ ଯଦି କେତେକ "ଇଜମ୍"ର ସନ୍ଧାନ

Digitized by srujanika@gmail.com

ମିଳିଯାଏ, ବାକୀଟା ଅତ୍ୟନ୍ତ ସହଜସାଧ୍ୟ ହୋଇଯିବ । ମୋ ମତରେ କବିତାକୁ ବୁଝିବାରେ ଏପରି ସମାଲୋଚନା କେତେକ ବାଧାବିଘ୍ନ ସୃଷ୍ଟି କରିଥାଏ ମାତ୍ର । ପ୍ରଭବ ନଥିଲେ ସୃଷ୍ଟି ସମ୍ଭବ ନୁହେଁ, ଏହି ତତ୍ତ୍ୱର ବୈଧତା ମଧ୍ୟ ବିବଦନୀୟ । ଶେଷରେ, ପ୍ରଭବଟି ପରିଦୃଷ୍ଟ ହେଲେ ବି ତାହା ଇଚ୍ଛାକୃତ ନା କେବଳ ସ୍ୱାଭାବିକ ରୀତିରେ ଆସିଛି ସେକଥା କେବଳ କବିତାର ଭିତ୍ତିରେ କହି ହେବ ନାହିଁ । ସେ ଦୃଷ୍ଟିରୁ ରବୀନ୍ଦ୍ରକୁମାର ପାତ୍ରୀଙ୍କ ଉପରେ କୌଣସି ମୋହର ମାରିବାକୁ ମୋର ଏକାନ୍ତ ଅନିଚ୍ଛା । ଏଣେ ରବିବାବୁ ସାମ୍ପ୍ରତିକ ସାହିତ୍ୟ, ପରିବେଶ, ଘାତପ୍ରତିଘାତ, ସମାଜ, ରୀତିନୀତି, ଏସବୁଠିରୁ ଭିନ୍ନ ହୋଇ ନିଜର ସୃଷ୍ଟିକୁ ଏକ ପୃଥକ୍ ଶ୍ରେଣୀରେ ରଖିବାକୁ ଚେଷ୍ଟା କରିଛନ୍ତି,ଏ କଥା ମଧ୍ୟ କହିହେବ ନାହିଁ । ରବିବାବୁଙ୍କ କବିତ୍ୱର ବିକାଶକୁ ତିନି ପର୍ଯ୍ୟାୟରେ ବିସ୍ତାର କରିହେବ । ପ୍ରଥମ ଭାଗଟି ଗ୍ରାମୀଣ ପରିବେଶର ସୁନ୍ଦର ପ୍ରକୃତି, ସରଳ ମନ, ସଶଙ୍କାତର ଚେତନା ଓ ନୀତିବୋଧର ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟଟି ମହାନଗରୀର ସ୍ୱପ୍ନଭଙ୍ଗ, ନୈର୍ବ୍ୟକ୍ତିକ ପରିସର,ଶିଳ୍ପମୁଖୀ, ସ୍ୱାର୍ଥାନ୍ୱେଷୀ ସଭ୍ୟତାର ରଥଚକ୍ରତଳେ ନିକ୍ଷେପିତ ପୂଜାଫୁଲର । ତୃତୀୟ ସ୍ପନ୍ଦନଟି ଚିରଚରିତ ଆତ୍ମାର, ଭୂମାର—ଏକ ଆଧ୍ୟାତ୍ମିକ ଅନ୍ୱେଷଣ । ପ୍ରଥମ ଦୁଇ ପର୍ଯ୍ୟାୟର କ୍ରମାଗତ ସଂଘର୍ଷ ଫଳରେ ଉପଜାତ ତୃତୀୟ ସ୍ପନ୍ଦନ କିନ୍ତୁ ନିଜସ୍ୱ ଏକ ଆକର୍ଷଣୀ ଶକ୍ତି ବଳରେ କବିମାନସ ମନ୍ଥିତ ଓ କ୍ରମେ 'ଉପଲବ୍ଧି' ଆଡ଼କୁ ଧାବିତ । ଏଇ ତିନୋଟି ପର୍ଯ୍ୟାୟ ସମୟାନୁକ୍ରମିକ ସଂକଳନା ନ ହୋଇଥିବାରୁ ଉପସ୍ଥିତ ସଂକଳନକୁ ବାଲ୍ୟ, କୈଶୋର, ଯୌବନ ଆଦି କ୍ରମରେ ସଜାଇ ହେବ ନାହିଁ । ପ୍ରତ୍ୟେକ ସୃଷ୍ଟିରେ, ପ୍ରତି କବିତାରେ ଏହି ତିନୋଟି ଅନୁସ୍ୱର ଖୋଜିଲେ ମିଳିବ । ଏହି କ୍ଷଣସ୍ଥାୟୀ ତତ୍ତ୍ୱଟିକୁ ବୁଝାଇବାଲାଗି "ଝାମା ଇଟାର ସଙ୍ଗୀତ" କବିତାଟି ଉଦାହରଣ ସ୍ୱରୂପ ନିଆଯାଇପାରେ । ଏଥିରେ ଗ୍ରାମୀଣଜୀବନର ନୀତିବୋଧ—"କାଇଁଶିରି, କଣ୍ଟିଆଳୀ, ଆଖୁଫୁଲ ବାସରୁ ସ୍ୱେଗଇ" କହିବା ପରେ କବିମାନସର ଦ୍ୱିତୀୟ ପର୍ଯ୍ୟାୟର ଛାୟା ପ୍ରତିଫଳିତ ହୋଇଛି :

"ତମେ ଯା'କୁ ବହଲଇ ଆଣିଇ ଏ କାଉଁରିଆ ପୁରେ
ସେ ହେଇ ଶୋଇଲ ଗ୍ରନ୍ଥେ
ଘୋଡ଼ିହୋଇ ଧୂଆଁର କମ୍ବଳ
ଅପ୍ରଶସ୍ତ ଖୁଲୀ ଘରେ ଚଟ ଆଉ ଯିଚୁ ବିଛଣାରେ ।"

କିନ୍ତୁ ସେହି କବିତାରେ ଭୂମାର ସ୍ପନ୍ଦନ ଦେଖିବାକୁ ମିଳେ ଯେତେବେଳେ କବିକଣ୍ଠ ଗାଇଉଠେ—"ସ୍ୱରର ବଣୀଟି ଆହା ପକ୍ଷୀ ମେଲି ଉଡ଼ିଗଲ ଦୂରେ........"

Digitized by srujanika@gmail.com

ଏହା ଆତୁରୀ ପରିସ୍ଫୁଟ ହୋଇଛି 'ସ୍ୱରଭଙ୍ଗ' କବିତାରେ–

"ଓଁକାରର ସ୍ଫୁଲିଙ୍ଗମାନେ
(ଆମ ସାଥିରେ ଛୁଟୁଥିଲେ ଏତେକାଳ)
ଏବଂ ମାତିଗଲେ ଏକ ବିରଟ ଭୟଙ୍କର ମଂଡଳକୁ
ଯେଉଁଠି ନିରନ୍ତର ପ୍ରଣବ ମୁହଁ ଥୁଏ
ପ୍ରଗାଢ଼ ନୈଃଶବ୍ଦରେ
...ସେଠି ଅଜସ୍ର ଚୁମ୍ବନ, ବିଦ୍ୟୁତ୍ ଚପଳତା ।

ଗଭୀରତା ଏ ମଧ୍ୟରେ ଆଶାତୀତ ବୃଦ୍ଧି ପାଇଥିଲେ ହେଁ, ଏହି ତିନୋଟି ପର୍ଯ୍ୟାୟର ଏକ ସମ୍ମିଳିତ ରୂପ ରବିବାବୁଙ୍କର ସବୁ ସମସାମୟିକ କବିତାରେ ଦେଖାଯାଉଛି । ତାଙ୍କର ଚିତ୍ରକଳ୍ପଗୁଡ଼ିକ ମଧ୍ୟ ଏହିପରି ପର୍ଯ୍ୟାୟ ବଜାୟ ରଖିପାରିଛି । ଆଙ୍ଗିକ ଦୃଷ୍ଟିରୁ ଯେଉଁ ଛନ୍ଦୋମୟତା ମୋତେ ପ୍ରଥମରୁ ଆକୃଷ୍ଟ କରିଥିଲା, ବର୍ତ୍ତମାନସୁଦ୍ଧା ସେହିପରି ରହିଛି । ଶବ୍ଦଚୟନର ଗୀତିମୟତା ମଧ୍ୟ ଅକ୍ଷୁଣ୍ଣ ରହିଛି । ବର୍ତ୍ତମାନର କବିତା ଅଧିକ ଅନ୍ତର୍ମୁଖୀ ହୋଇଛି ।

ରବିବାବୁ କବିତାକୁ ଆସିଥିଲେ ଯେତେବେଳେ ସଚ୍ଚିଦାନନ୍ଦ ଓ ଅନନ୍ତ ପଟ୍ଟନାୟକ କବିତାର ଆକାଶରେ ଚନ୍ଦ୍ରସୂର୍ଯ୍ୟ ପରି ପ୍ରତିଭାତ ହୋଇଥିଲେ ଏବଂ ରମାକାନ୍ତ ରଥ ଓ ସୀତାକାନ୍ତ ମହାପାତ୍ର ଶୀତଳ ବତାସ ହୋଇ ବାତାବରଣକୁ ପ୍ଲାବିତ କରି ରଖିଥିଲେ । ଏମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବରୁ ମୁକୁଳି କେହି କବିତା ରଚନା କରିବା ଅସମ୍ଭବ ଥିଲା । ମୋ ମତରେ ରବିବାବୁଙ୍କୁ ବେଶୀ ଛୁଇଁଥିଲେ କବି ଅନନ୍ତ ପଟ୍ଟନାୟକ, ସମ୍ଭବତଃ ତାଙ୍କର ଛନ୍ଦୋମୟତା ଓ ଗ୍ରାମୀଣ ଚିତ୍ରକଳ୍ପର ବ୍ୟବହାର ଫଳରେ । ଏସବୁ କେବଳ ଅନୁମାନ, କିନ୍ତୁ 'ଶୂନ୍' ନାମକ କବିତାଟି ଦେଖିଲେ ଏ ଅନୁମାନର ବୈଧତା ବେଶ୍ ବୁଝାଯିବ । ତଥାପି ଅନନ୍ତ ପଟ୍ଟନାୟକଙ୍କର ଅନ୍ଧ ଅନୁକରଣ ଏଠାରେ ନାହିଁ । ସଚ୍ଚିଦାନନ୍ଦଙ୍କର ଦାବୀର ସ୍ଲୋଗାନ୍ ମଧ୍ୟ କେଉଁଠାରେ ପ୍ରତୀତ ହେଉନାହିଁ ।

ଏହାଛଡ଼ା ରବିବାବୁ ଅନେକ ବିଦେଶୀ କବିଙ୍କର କୃତୀ ପାଠକରିବାର ସୁଯୋଗ ପାଇଛନ୍ତି । ତାଙ୍କ କର୍ମସ୍ଥଳ ମାର୍କିନ ପୁସ୍ତକର ସମାବେଶ ପାଖରେ ହୋଇଥିବାରୁ ଅନୁମାନ, ସେ ଅନେକ ଅନୁବାଦ ଏବଂ ମୂଳ କବିତା ପାଠ କରିଥିବେ । ବେଶ୍ କିଛି ଦିନ ତଳେ ସେ ଶ୍ରୀ ଅରବିନ୍ଦଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗି ସଙ୍ଗେ ପରିଚିତ ହୋଇଛନ୍ତି ଓ ଦୀକ୍ଷିତ ହୋଇଛନ୍ତି । ଏହି ସଶକ୍ତ ଆଧ୍ୟାତ୍ମିକ ପ୍ରଭାବ ଓ ପ୍ଲାବନକୁ ମଧ୍ୟ ଅସ୍ୱୀକାର କରି ହେବ ନାହିଁ ।

Digitized by srujanika@gmail.com

'ଛାୟା' ଓ 'ଉପଛାୟା' ଏହି ସଙ୍କଳନର ଦୁଇଟି ଦୀର୍ଘ କବିତା । ନାମକରଣର ଅନ୍ୟତମ କାରଣ ହେଉଛି, ଛାୟାଟି ଯେତିକି ପ୍ରତ୍ୟକ୍ଷ, ଉପଛାୟାଟି ସେତିକି ଅବ୍ୟକ୍ତ । ମଣିଷ ବା ବସ୍ତୁ ସଙ୍ଗେ ସଙ୍ଗେ ଛାୟାର ଅସ୍ତିତ୍ୱ ରହିଛି ଯଦି ତାହା ଉପରେ ଅନେକ ସଂଘାତ ହୁଏ । କିନ୍ତୁ ଛାୟା ସଙ୍ଗେ ଯେଉଁ ଉପଛାୟା ରହିଛି, ସେକଥା ତ କେହି ଜାଣନ୍ତି ନାହିଁ । ସେହିପରି କବିମନରେ ଅନୁଭୂତିର ଛାୟା ବି ରହିଛି, ଉପଛାୟା ବି ରହିଛି । ମୂଳତଃ ଏହିପରି ଏକ ମୀମାଂସା ସଙ୍କଳିତ କବିତାର ବିଭାଜନରେ ଦେଖାଯିବ, ମୁଁ ଏଇ କବିତାଗୁଡ଼ିକ ଯେପରି ଭାବରେ ଦେଖୁଛି ଆଉ କିଏ ହୋଇଥିଲେ ନିଶ୍ଚୟ ବିଭାଜନଟି ଅନ୍ୟ ପ୍ରକାର ହୋଇପାରିଥାନ୍ତା, କାରଣ କିଏ ପ୍ରତ୍ୟକ୍ଷ, କେଉଁଟି ପରୋକ୍ଷ, ସେ ବିଚାର ବ୍ୟକ୍ତିସାପେକ୍ଷ । ଏହି ବିଭାଗୀକରଣର ବୈଧତା ଅପେକ୍ଷା ପାଠକର ପଢ଼ିବାର ସୌକାର୍ଯ୍ୟ ସକାଶେ ତାହାର ପ୍ରୟୋଜନ ଅଧିକ ବୋଲି ମନେହୁଏ । କବିଙ୍କର ଏଥିପାଇଁ କୌଣସି ଉତ୍ତରଦାୟିତ୍ୱ ନାହିଁ । ପୁନଶ୍ଚ ଛାୟା ଉପଛାୟା ମଧ୍ୟରେ ଏପରି ଜଳବନ୍ଧ ନାହିଁ ଯେ ସେମାନେ ସମ୍ପୂର୍ଣ୍ଣ ରୂପେ ଭିନ୍ନ ରହିପାରିବେ । ଏହି ସୀମାରେଖା ଦନ୍ତୁରିତ, ଜଳସ୍ଥଳ ଏକତ୍ର ହେବାର ଇଚ୍ଛା କମ୍ ନୁହେ । ତେଣୁ ଏପରି ଅନେକ କବିତା ମିଳିବ ଯେ କି ଆର କଡ଼େ ଅନାୟାସରେ ରହିପାରିଥାନ୍ତେ । କହିଲି ତ, କେବଳ ଏକ ଯୁକ୍ତିଗତ, ତାତ୍ତ୍ୱିକ ଏବଂ ବ୍ୟକ୍ତି-ସାପେକ୍ଷ ବିଭାଜନ ଦେଇ କବିତାର ସୀମା ସରହଦ ଅଙ୍କନ କରଯାଏନା । କିନ୍ତୁ 'ଛାୟା ଉପଛାୟା'ର ଦାର୍ଶନିକ ଭିତ୍ତିଭୂମି ପ୍ରତି ପାଠକ ପାଠିକାଙ୍କର ଦୃଷ୍ଟି ଆକର୍ଷଣ କରୁଛି । ସେମାନେ ସ୍ୱୟଂ କବିତାଗୁଡ଼ିକୁ ଅଲଗା ଅଲଗା ଥାକରେ ସଜାଡ଼ିବାକୁ ଚେଷ୍ଟା କରନ୍ତୁ ଏହା ମୋର ଆନ୍ତରିକ କାମନା ।

ରବିବାବୁଙ୍କ ଆଙ୍ଗିକର ବ୍ୟାପକତା ଦେଖିଲେ ଯେ କେହି ମୁଗ୍ଧ ହୋଇଯିବ । କେତେବେଳେ ଲାଗିବ, ସବୁଜୋଉର ସାହିତ୍ୟର କୌଣସି କବିତାପରି, କେତେବେଳେ ଲାଗିବ ସମସାମୟିକ କାଳର ସର୍ବାଧୁନିକ କିଛି—ପୁଣି କେତେବେଳେ ଏକବିଂଶ ଶତାବ୍ଦୀର ସମ୍ଭାବନା ଦେଖାଯିବ । ସାଧାରଣତଃ କବିମାନେ ନିଜର ଏକ ଶୈଳୀ ବାହାର କରିଥାନ୍ତି, ଯେପରି ଧାଡ଼ିଏ ଦେଖିଲେ ଜଣାଯିବ କାହାର । ଏଠି ସେସବୁ ପ୍ରଚେଷ୍ଟା ନାହିଁ । ରବିବାବୁଙ୍କ ମାନସିକତାର ବ୍ୟାପ୍ତି ଅନେକ ବେଶୀ । ଉପସ୍ଥିତ ଶୈଳୀମାନଙ୍କରେ ଧରିହେବା ଭଳି ନୁହେ । ତା' ଛଡ଼ା ଅନେକ

Digitized by srujanika@gmail.com

ସଙ୍କେତ—ଗାଣିତିକ ହେଉ, ପାରିଭାଷିକ ହେଉ, ରବିବାବୁ କବିତାରେ ବ୍ୟବହାର କରିଛନ୍ତି । କେହି ମନେ କରିବ କ୍ଲିଷ୍ଟତା ବଢ଼ିଗଲା, କେହି ମନେ କରିବ ବକ୍ତବ୍ୟ ସ୍ପଷ୍ଟତର ହେଲା । ସେ ସବୁ ମନ୍ତବ୍ୟ ବାଦ୍ ଦେଲେ, ମନେ ହେଉଛି ଭାଷାର ନିଅଣ୍ଟିଆ ଶବ୍ଦଭଣ୍ଡାର, ଯାହାଫଳରେ ଆଧୁନିକ କବିତା ଚିତ୍ରକଳ୍ପ ଉପରେ ଏତେଟା ନିର୍ଭରଶୀଳ ହୋଇଥିଲା—ଏହି ଅଭାବ ହିଁ ଏପରି ସଙ୍କେତ ବ୍ୟବହାର କରିବାର ମୂଳ କାରଣ । ସେସବୁ ସଙ୍କେତ ମଧ୍ୟ ଭାଷାର ଅଙ୍ଗ । ଯାହା ଗଣିତରେ ଭାବପ୍ରକାଶ କରି ପାରେ, କବିତାରେ ନ କରିପାରିବାର କାରଣ କିଛି ନାହିଁ । ଏହିପରି ଅନେକ ଭିନ୍ନତା ଦେଖାଯିବ ରବିବାବୁଙ୍କ କବିତା ମଧ୍ୟରେ । ପ୍ରଶ୍ନ ଜାଗେ, ଏହି ଭିନ୍ନତା କ'ଣ ଦିନେ ଶେଷ ହୋଇଯିବ ଏବଂ ରବିବାବୁ ନିଜର ଏକ ଶୈଳୀ ପାଇ ତାକୁହିଁ ଧରି ରଖିବେ ? ମୋର ମନେହୁଏ, ସେହିପରି ଗୋଟିଏ ଅଘଟଣ ଘଟିଗଲେ କବି ରବିବାବୁଙ୍କର ଅବସାନ ଘଟିଯିବ । ଏହି ଭିନ୍ନତା, ଏହି ବ୍ୟାପ୍ତି, ଏହି ସଂଧାନ ହିଁ—ରବୀନ୍ଦ୍ର କୁମାର ପାଢ଼ୀ ଓ ତା'ରି ପରିପ୍ରକାଶ ଛାୟା ଉପଛାୟା ।

କହିବାକୁ ଭଲ ହେଉଛି ରବିବାବୁଙ୍କ କବିତାରେ ସମ୍ବେଦନ ବିଭବ କଥା । ମଣିଷର ଦୁଃଖ କଷ୍ଟ, ସଂସାରର କ୍ଳେଶ ସଙ୍ଗେ ଯେତିକି ସମବେଦନା, 'କର୍ଥିଲ ଦୁବଘାସର କରୁଣ ମୃତ୍ୟୁ'ରେ ସେତିକି । କବିଙ୍କ ମନ ଯେପରି ଅନବରତ କାନ୍ଦି ଗ୍ଲାଇଛି । ମଣିଷର ଅସହାୟତା ଦେଖି ତାଙ୍କର ଦୀର୍ଘଶ୍ୱାସର ଶେଷ ନାହିଁ । ଏହି ସମ୍ବେଦନ ବିଭବ ଅନେକ ଆଧୁନିକ କବିତାରେ ଦେଖିବାକୁ ମିଳୁନାହିଁ । କିନ୍ତୁ ଏହା ଫଳରେ ବିପ୍ଳବର ବହ୍ନି ବର୍ଷା ହୋଇନାହିଁ, ଆକ୍ରୋଶର ବିଷ ଚହଟି ନାହିଁ, କୌଣସି ସନ୍ଥଙ୍କ ବାଣୀ ଦୋହରା ଯାଇନାହିଁ । କବିତା କେବଳ ଆଉଁସି ଦେଇ ପାରେ । ଔଷଧ ହୋଇ ନପାରେ । ମୋ ମତରେ ଏହି ବୋଧ କିଛି କମ୍ ନୁହେ ।

ପାଠକ ପାଠିକା ଓ ବିଦଗ୍ଧ ସମାଲୋଚକମାନେ ଏହି ସଂକଳନର ମୂଲ୍ୟାଙ୍କନ କରିବାକୁ ମୋ ଠାରୁ ଯୋଗ୍ୟତର । ଆଶା କରୁଛି ସେମାନେ ଏହି ସଂକଳନକୁ ଗ୍ରହଣ କରିବେ ।

ରବୀନ୍ଦ୍ର କୁମାର ପାଢ଼ୀ ସମସ୍ତଙ୍କର ପ୍ରିୟ କବି ଓ ପ୍ରିୟ ସହକର୍ମୀ । ସେମାନଙ୍କ ପ୍ରତି କୃତଜ୍ଞତା ଜଣାଉଛି ।

Digitized by srujanika@gmail.com

ଛାୟା

ଝାମାଇଟାର ସଙ୍ଗୀତ ୩
ସତ୍ୟ କଥନ ୫
ଘର ଭଙ୍ଗ ୯
ମୁଁ : ବୁଢ଼ୀ ଅନ୍ୟମାନେ ୧୧
ବୋଇତ ଭସାଣ ଗୀତ ୧୩
ଝଡ଼ ଥର୍ମଗଲ ପରେ : ଝଡ଼ ୧୬
ନିରର୍ଥ କଥକ ୧୮
ସେହି କିଶୋରଟି ୨୨
ଛାୟା ୨୪

ଉପଛାୟା

ଉପଛାୟା ୩୩
ଶୂନ୍ ୪୦
ରଞ୍ଜନ ରଶ୍ମି ୪୨
ପ୍ରଳୟ ୪୫
ଏକ ଉପକଥାର ସତ୍ୟ ୪୭
ଏଥର ଆକାଶ ପାଇଁ ୫୦
ପ୍ରଜାପତିଟି ୫୩
ପୌନଃ ପୁନିକ ୫୫
ଅନ୍ଧ ଗଳିରେ ଗଲି ଦର୍ପଣ ବିକି ୫୮
ନିର୍ବାସିତାର ବିଳାପ ୫୯
ଆମେ ସବୁ ୬୧
ଗଦାଏ ଅସ୍ୱୀକୃତ ପ୍ରେମ ପତ୍ରର ଅଗ୍ନ୍ୟୁତ୍ସବରେ ୬୨

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

॥ ଝାମା ଇଟାର ସଙ୍ଗୀତ ॥

କାଇଁଶିରି; କଣ୍ଟିଆଳୀ, ଆଁଖୁଫୁଲ ବାସରୁ ଚୋରଇ
ତମେ ଯାକୁ ବହଲଇ ଆଣିଲ ଏ କାଉଁରିଆ ପୁରେ,
ସେ ହେଇ ଶୋଇଲ ଗୁହାଁ ଘୋଡ଼ି ହେଇ ଧୂଆଁର କମ୍ବଳ
ଅପ୍ରଶସ୍ତ ଖୁଲୀ ଘରେ ଚଟ ଆଉ ପିଚୁ ବିଛଣାରେ ।

ସେତ ଆଉ ଚମକୁନି ଦୁବ ଘାସ କରୁଣ ମୃତ୍ୟୁରେ
ଉପହାସ ଭଳି ଏକ ମିଲ୍‌ପାଖ ଥୋବଗ ପଛାଶେ—
ସେତ ଆଉ ତକାଉନି ମୁଗୁର ବା ବାକୁମା ହାତରେ
ମଇଳା ଗାମୁଛା ଭଳି ସହରର ବିବର୍ଣ୍ଣ ଆକାଶେ !

ଏମାନେ ଶୋଇଲ ପରେ କାନଡେରି ବଟୀ ଖୁଁଟେ ଖୁଁଟେ
ମୁଁ ଯାହା ଶୁଣିଲି ଏଇ ସହରଟା ସ୍ୱଗତୋକ୍ତି କରେ,
ଯନ୍ତ୍ରର ଚକ୍ରାନ୍ତ ଜାଲେ ଏମାନଙ୍କୁ କବୁଲ କରଇ
ମେଣ୍ଟା କରି ରଖିବାକୁ ପେଟ୍ରୋଲର ପୋଡ଼ା ଗନ୍ଧ ବଳେ ।

ସ୍ୱରର ବଣୀଟି ଆହା ପଖି ମେଲି ଉଡ଼ିଗଲ ଦୂରେ
ତା'କୁଇ ମୁଁ ଭେଟିଥିଲି ଶଗଡ଼ିଆ ଦିଗପହଣ୍ଡିରେ,
ହଳିଆର 'ହିହି' ଡାକେ, ଘରିଆର ଗୁଲିର ହୁଁକାରେ
ନାଟଦଳ ଆଖଡାରେ, କେନ୍ଦର ବା ଖଞ୍ଜଣୀ ସାଥିରେ ।

Digitized by srujanika@gmail.com

ଧୋବ ଜାମା ବେଣ୍ଟମଥା ଚଟି ଆଉ ବଟୁଆ ଆଙ୍ଗୁଡ଼ି
ସେ ଘର ଯେ ଧନି ହୁଏ ଚକିମାରେ ହୁଁଚଟ୍ ସମାଳେ,
ମିଲ କାନ୍ଥେ, ଗୋଦାମରେ, ଷ୍ଟିମର ବା ଠେଲାର ଚକରେ
ଘୂରି ଘୂରି ଥକିପଡ଼ି ଢାଳିମାରେ ମଦର ବୋତଲେ ।

ମୁଁ ତାକୁ ଏ ମିଞ୍ଜି ମିଞ୍ଜି ଡ଼ାହାଣିଆ ନିଶୂନ ଘଡ଼ିରେ
ବେଦମ ଲଗୁଛି ଦେଖେ ବାଇଜୀର ବିଷାକ୍ତ ଆଡ୍‌ଡାରେ
ବାଉଡି ବସିଲ ଭଳି ହସୁଛି ସେ ରକ୍ତ ବାନ୍ତି କରି
(କୋଲି ଯାହା ବୋଝା ହେବ ଏ ସହର–ଆକାଶ କାନ୍ଥରେ
ବିଚିତ୍ର–ସୁନ୍ଦର କରି ଆଣିବାକୁ ଘର ବହଲଇ)
ତା' ପରେ ସେ ଘୁମଉଛି ଉପଦଂଶ ଯକ୍ଷ୍ମାର କୋଳରେ ।

ଟ୍ରାମଟା ସାପେଇଗଲଣି, ଏଇଥର ସହର ଫୁଟିବ
ସୂର୍ଯ୍ୟ ସାକ୍ଷୀ କରି କେତେ ଧ୍ୟାନମଗ୍ନ ଇସ୍ପାତ ନଳରେ ।
ଅଗଣନ ଟ୍ରାମ୍, ବାସ୍ ବୁଲି ବୁଲି ଭିଡ଼ ଘୁଟୁଥିବ
ଅକ୍ଷୟ-ତୂଣୀର ପରି ସହରର ସହସ୍ର ଗଳିରେ ।

ସକାଳର ବିଷ ପିଇ ମଳୟ ଓ ମୁକୁଳର ଘର
କୁଟୀର ଓ କିଆରୀର କୋହ, କରିଆ ଓ କାଛେଣୀର କବି
ଆଳେଇ ଗଲଣି ଘୁହାଁ ପଗଡ଼ି ଓ ପାତଲୁନ ତଳେ
ରଗଡ଼ି ଦେଲଣି ଆହା ଘାସଫୁଲ ବିମୋହନ ଛବି !

ତଥାପି ଗ୍ଭଲୁଚି ସିଏ ଅମାନିଆଁ ବୁଟ୍ ବହି ବହି
ଗ୍ଭଟି ହେଇ ଟ୍ରାମ୍, ଟେକ୍‌ସି, କାବୁଲୀ ବା ବାଇଜୀ ବୋତଲେ,
ସାତଟାର ରେଡ଼ିଓରେ କୁହାଟୁଚି ମାୟାର ମାରିଚ–
ପରିଚିତ ଘରଟା ମୋ' ମାଟିଚି ବା ଦଣ୍ଡ ବୈଠକରେ ।

Digitized by srujanika@gmail.com

।। ସତ୍ୟ କଥନ ।।

ତମର ପ୍ରଳାପ ସତ
ଉତଗ ହାଓ୍ୱାର ଦିହେ ଶୀତର ସତ୍ୟତା ପରି ।
ବୁଢ଼ିଆଣୀ ଜାଲ ପରି ଦ୍ୱନ୍ଦ୍ୱର ଘେର ବି ସତ,
ସୂକ୍ଷ୍ମ ହେଉ, ଛଳନା ରହିତ ।

ତମର ଚପଳ ଆଖି, ବେପରୁଆ ଉଠାଣି ପାଗର
(ମୋ' ଆଖିତ କେବଳ ମୋହରି)
ଫୁଲ ସବୁ ଚିରି ପାରେ, ବୋଳିପାରେ ଫୁଲରେଣୁ
ଆକାଶ ଅବିରେ;
ଦୋଳି ଦୋଳି ଖେଳିପାରେ
ମେଘର ମହଲ ଡେଇଁ
ପ୍ରଜାପତି ଡେଣାଧରି ପ୍ରେମରୁ ପ୍ରେମକୁ ।

ମୁଁ କାହିଁକି ପାରେ ନା'ତ
ଇଚ୍ଛା କରି ଡୋକିଦିଏ
ବିଳାସ– ଗଣ୍ଡୂଷେ ଯେତେ ବିଳାସୀ–ବାସନା !
ପ୍ରଳାପ ତମର ଆଗୋ
ମେଳାପୀ ବନାଏ ମୋତେ

Digitized by srujanika@gmail.com

ତମର ସୋହାଗୀ କରେ
ପାଗଳ–ପାଗଳ
ପାହାଚ ପାହାଚ କରି କ୍ଷଣର ଢାଟାଣ୍ଟୁ ମୁଁ ତ
ଧାପ୍ ଧାପ୍ ଉଠୁଥାଏଁ ଉଠିବା ବାହାନା ଧରି
ଅସରନ୍ତି ପାଦଛନ୍ଦର ପୌନଃପୁନିକତା ।
ସେ ସବୁ ତଳକୁ ଖସେ (ଉପରୁ ଆସିବା ଲାଗି)
ଅନନ୍ତ–ଅନନ୍ତ ଆଉ ପାହାଚ–ପାହାଚ...
ଲକ୍ଷ୍ୟ ହୀନ ଅଶେଷର ଅବଶେଷ କାହିଁ
ମୁଁ ଖାଲି ଯେ ଉଠୁଥାଏଁ ଉଠିବାର ଉପକ୍ରମ କରି !

ତମର ପ୍ରଳାପେ ଶୁଣେଁ ଅସହଣି ପିଲାଙ୍କ ଲଢ଼ର ଘଟଣା କେତେ
ଅହନ୍ତା, ଅକସ କେତେ
ଭଇର ପୋଡୁଆଁ ଲାଗି ।
ପ୍ରଜାପତି ବେଉଷଣ ଫୁଲର ପଲ୍ଲବେ ।
ଚୁପିଚୁପି ଚଭୁଟଙ୍କି ଶିଶୁର ସକାଳ ମୋର
କାହାର ପ୍ରଳାପ ଏଇ ବିଛଣା ଉପରେ ଏଇ ଅନ୍ଧାର ସନ୍ଧିରେ
ଏଇ ଇଙ୍ଗିତେ ଇଙ୍ଗିତେ କହେ–
"ବ୍ୟଭିଗ୍ଭର ମଣିଷର ସହଜାତ ଇଚ୍ଛା" ଆଦି
ଅଜାଡୁକ ସତକଥା ଲଢ଼ଗ ଦିନର
ନଙ୍ଗଳା ଫୁଙ୍ଗୁଳା କଥା, କାହାଣୀ ଓଢ଼ଣା ଘୋଡ଼ା,
ଘୋଷିହୁଏ ଝୁଲିଝୁଲି ନିଃଶ୍ୱାସୁ ନିଃଶ୍ୱାସେ ।

ତମର ପ୍ରଳାପ ଦେଖ ପାଗଳ କଲଣି ମୋତେ
ଗୁଡ଼ାଇ ଗଲଣି ଗ୍ରହାଁ, ନାଗଫାଶ ହେବ ପଗ
ମିଳନ-କ୍ୱନ୍ଦ୍ୱର :
ଉଧୁରିବା ଫନ୍ଦି ଆପେ ଆପଟି ଗଲଣି ପୁଣି,
ମଧୁର ସୋହାଗ ଲେଢ଼ି, ଗରମ ଦିହରୁ ତା'ର
ଶୀତଳ ଝାଳରେ ।
ମୁଁ ଯଦି ପାରୁନି ଜାଣି ବିପରୀତ ରୀତି କିଆଁ ବିଶ୍ୱରେ ସବୁଭି
ଯଦିବା ପାରୁନି ଜାଣି, କ୍ଷତି ନାହିଁ କିଛି,

Digitized by srujanika@gmail.com

ସବୁ ପ୍ରେମ କାହିଁକି ପାତକ
ସବୁ ବିବାହର ଅର୍ଥ ବିରହ କାହିଁକି ?
...ତୁମର ପ୍ରଳାପ କ'ଣ ସତରେ ପ୍ରଳାପ !

ତମର ବିଶ୍ୱର ଯଦି ବୁଢ଼ିଆଣୀ ଜାଲ ପରି ନିଚୋଳ ସୂକ୍ଷ୍ମତା ହୁଏ
କେତିକି ସରଳ କୁହ ତମର କୁଟତା ସତେ !
ତମର ଦେଖାପି ମନେ ତାଜ୍‌ଜୁବ କଳ୍ପନା
ଆହା, ହୁଅନ୍ତା କି ସତ ଥରେ
(ମିଥ୍ୟାର ହଉନା ଏବେ,
ଜଗତରେ କେଉଁ ସତ ମିଛରେ ଭଣିନି ଭଲ !)

ଆମେ ଯଦି ଜାଣୁଁଜାଣୁଁ ଅଜ୍ଞେୟ ସତ୍ୟକୁ ଖୋଜି
ଅଗଣନ ପ୍ରଶ୍ନ ପେଶୁଁ
ଆମ ସେ ବୋକାମି କିଆଁ ମୂଢ଼ତା ହେବନି ଅବା
ତମର ପ୍ରଳାପ !

ତମର ସେ ସ୍ୱାଧୀନତା-ମନକୁ ଗୁଡ଼ାଇ ନେବା ଆପଣା ନଟେଇ ଦିହେ
ମନକୁ ଉଡ଼ାଇ ଦେବା ଆପଣା ଜଦର ମୁହେଁ
ଆମର ଯେ ନାହିଁ ହାଏ, ଆମର ତ ନାହିଁ

ଆମେ ତ ଘେରଉଁ ଖାଲି ନିଛାଟ ପ୍ରଶ୍ନର ଭିଡ଼େ
ଆମରି ତିଆରି କେତେ କୁଟିଳ ପ୍ରକାଶ ଆମ
ସୁଖର ଜଞ୍ଜାଳେ ଝଳି, ବିରହେ ପ୍ରେମକୁ ଧରି
ଅଖଣ୍ଡ ଦୁଃଖର ପଛେ ଆମେ ଯେ ଦଉଡୁ ଖାଲି
ଆମେ ଯେ ଶୃଙ୍ଖଳ ପିନ୍ଧୁ-ମୁକ୍ତିର ଶୃଙ୍ଖଳା ଯେତେ–
ଆମେ ଯେ ସାଇତୁଁ ନିତି ଅଜଗ ଯୋଜନା କେତେ
ଅଜଣା କାଲିର ଲାଗି, ପାହାଚ ପାହାଚ ଉଠୁଁ
(ଉଠିବା ବାହାନା ଖାଲି) ଆଶାର ସିଡ଼ିରେ, ଆମେ
ନିଭୁଁମା, ଭୂମିକୁ ଏଡ଼ି ।

Digitized by srujanika@gmail.com

ତୁମର ପ୍ରତାପ ଏତ ! ତୁମର ବୀରତା ଏ ଗୋ !
ଅପ୍ରତାପ ଜ୍ଞାନ ସବୁ ପ୍ରତାପ ବନିବ ବୋଲି
ଅଧିର ଧୀରତା ଧରି ଅଧିରେ ଅପେକ୍ଷା କରୁଁ
ଆମେ ଯେଣୁ ଆସ୍ଥାବାନ ଆମରି ସନ୍ଦେହେ ଦୋଳି ।
ଆମେ ତ ଲେଖାଉଁ ଏଥି ଆସନ୍ତାର ଇତିହାସ
ଆମେ ତ ଗଢ଼ାଉଁ ଏଥି ପ୍ରଗତିର ରଥଚକ
ପାଶୋର ଦିନର କେଉଁ ଆରମ୍ଭ ବିନ୍ଦୁଟି ଆଢ଼େ ।

ତୁମର ପ୍ରତାପ, ସେତ
ଭେଦନୀୟ ନୁହେଁ ଖାଲି
ଅଦମ୍ୟ, ଉଦଗ୍ର !
ଆମେ ତ ଡରୁଚୁ କାଳେ କମଳ ଫାଁକରୁ ଚେଇଁ
ଅନାମ୍ ଆତ୍ମା ବା କେହି
ଆମକୁ ବାନ୍ଧିବ ନେଇ ମୁକ୍ତିର ଅର୍ଗଳ ଗୋଳେ
ସତକଥା ଯାକ କାଳେ ରଗେଇ ଉଠିବେ ଏଇ
ପମ୍ପାଳିଆ ଘଡ଼ା ସବୁ ପୁରୁଣା ମଦିର ଭେଳେ !
ଏଇ ପରି ଡର ପାଇଁ ଅଧିର-ଅପେକ୍ଷା-ଡର
ଆମକୁ ପରଶି ଯାଏ ପ୍ରତ୍ୟେକ ପ୍ରଶ୍ନର ପାଦେ
ନେତିର ଉତ୍ତର ହୁଏ ନେତିର ନିରଶା ଘୋର !

ନେତିର ଉତ୍ତର ସେତ ତମରି ପ୍ରତାପ ! ଯେଣୁ
ପ୍ରଶ୍ନର ଉତ୍ତର ପ୍ରଶ୍ନ
ପାହାଚ, ପାହାଚ ଖାଲି
ସେସବୁ ତଳକୁ ଖସେ ଉପରୁ ଆସିବା ଲଗି
(ଡେଇଁବା ବାହାନା ଆମ ଅଶେଷ ସାରିବା ଲଗି
ନିର୍ବେଦ ବେଦନା ଆମ) ତମରି ପ୍ରତାପ ଏତ !

ଏପରି ପାଗଳ ତମେ ଯାହାର ପ୍ରତାପ ପାଳି
ମୁହିଁ ବି ପ୍ରଳାପ କରେ
ଦର୍ଶନ ବିଜ୍ଞାନ ଜ୍ଞାନ
ପ୍ରଳାପ—ପ୍ରଳାପ ।

★

Digitized by srujanika@gmail.com

॥ ସ୍ୱରଭଙ୍ଗ ॥

ବାଣୀ ନୁହେଁ, ବେଣୁ ନୁହେଁ
ଖାଲି; ତଥାପି, ଧ୍ୱନି
ତରଙ୍ଗ ନାହିଁ ଡେଣା ନାହିଁ
ତା'ର କମୋଚ ପ୍ରତିଧ୍ୱନି
ଅଜସ୍ର ବ୍ୟସ୍ତତାରେ ଫିଟି ହୋଇ
ଫିଟି ଫିଟି ଯାଏ ବହୁଦୂର ... ...
ସବୁ ଚୁପ୍ ।

ସେ ଗପି ଚାଲିଥିଲେ ପାଦକୁ ପାଦ
ମୋ'ଠୁ ତଫାତ୍, ସେ କାହାଣୀର ପିଠିରେ ଅନେକ କଟାକ୍ଷ
ଇତସ୍ତତ ।
(ତଫାତ୍, ଆମରି କଡ଼େ କଡ଼େ ଯେଉଁ ଝିଙ୍କାରୀଟି
ଅଣାକାର ଶୂନ୍ୟକୁ ଫିଙ୍ଗି ଚାଲିଚି କିଛି ସ୍ୱରର ବୁଦବୁଦ
ଆକାଶର ଇସମାନ ଅନ୍ଧକାର ସଂଖ୍ୟାକୁ କିଛି ଶୂନ୍
ପ୍ରବୁଦ୍ଧ ନୀରବତା ମାନଙ୍କୁ କିଛି ଓଁକାର
ତା' ଠାରୁ ବି)

Digitized by srujanika@gmail.com

ମୋର ଭାଷାରେ କି ଯାଏ !
ନୀରବ ଅଙ୍ଗୁରୀୟଟି ପିନ୍ଧେଇ ଦେଲି ଅନ୍ଧାରକୁ
ନିଆଁ ଝୁଲେ ଆଁକି ଦେଲି ସୂର୍ଯ୍ୟରେ ।
ସେଥିରେ ଦ୍ରବିଗଲେ
ଓଁକାରର ସ୍ଫୁଲିଙ୍ଗମାନେ
(ଆମ ସାଥିରେ ଛୁଟୁଥିଲେ ଏତେ କାଳ)
ଏବଂ ମାଡି ଗଲେ ଏକ ବିରାଟ ଭୟଙ୍କର ମଂଡଳକୁ
ଯେଉଁଠି ନିରନ୍ତର-ପ୍ରଣବ ମୁହଁଥୁଏ ପ୍ରଗାଢ ନୈଶବ୍ଦ୍ୟରେ
... ସେଠି ଅଜସ୍ର ଚୁମ୍ବନ, ବିଦ୍ୟୁତ୍, ଚପଳତା

ବଂହୁତ ଦୂରରେ, କେଜାଣି କେତେ,
ଭାଷାର ଲୁଗା ହକଲା ଶବ୍ଦ
ଏକ କୁଟୀଳ ବନ୍ଧନୀରେ
ଛଳ, ଛଳ ।

*

Digitized by srujanika@gmail.com

॥ ମୁଁ : ବୁଢ଼ୀ : ଅନ୍ୟମାନେ ॥

କିରସିନି ଡିବିଟିର
ମଳିଛିଆ ଚ'ଳେ ଆଲୁଅରେ
ବୁଢ଼ୀଟିଏ ମୁହଁ ଧୋଉଥିଲା :
ମନକୁ ଲଙ୍ଗଳା କରି
ସୋହାଗିଆ ଅନୁତାପେ ଥାପି
ଲୁହେ ଲୁହେ ପୋଛି ଦେଉଥିଲା
ଆଉ କେହି ନଥିବାରୁ ବେକଦମ୍ ହସି ଦେଉଥିଲା ।

ଧୂଆଁର ଧାର୍ମିକ ଟିଏ
ଅମାର ଅଧାର ଲେଢ଼ି
ଉପରକୁ ଚଢୁଥିଲା ବେଳେ
ଦୁର୍ଗନ୍ଧରେ ନାକ ଟେକି
ଏ ଘଟଣା ସବୁ ଦେଖୁଥିଲା;(
ପରେ ସିନା କହିଲା ସେ' ଯେ ତାହାର ଅଷ୍ଟମ ନାୟିକା
ମୁକ୍ତି ପରି ଅଣ୍ଡି ବାଟୀ, ନାସ୍ତିସୂଚୀ ନାରୀ ଓ ପ୍ରେମିକା !
)ବେଳେ ବେଳେ ଝୁଲି ପଡ଼ି
ପଛ ପଟେ ଜମୁଥିବା ଓଠଚିପା, ନଖଚିର, କୋଛନିଆ
ସ୍ମୃତିର ଫେଣରେ
ଚୁପ୍ ଗୁପ୍ ଚରି ଯାଉଥିଲା !

Digitized by srujanika@gmail.com

ରୀତିମତ୍ କ୍ଷିପ୍ରତାରେ
ନୀରବିତ ବ୍ୟସ୍ତତାମାନଙ୍କୁ ଥ' କରିଦେଇ
ଖବରଟା ପେଶ୍ କଲି : 'ବୁଢୀ
ମହାଶୂନ୍ୟ ଳିତା ହୋଇଗଲା !'

ଚଟ୍ କରି ଅନ୍ଧାରଟା ଦିହରେ ଘେରେଇ ପଡ଼ି
ଆଚମ୍ବିତ, ବୁଢ଼ୀଟା ବି ଶେଷକୁ କହିଲା
'ତମର ଏ ଟେକା ଫିଙ୍ଗା ପଣ
ଜୀବନର ମୁଦେଇ ମୋ ହେଲା ।

ନିରଣେ ଫେରୁଛି, ଆହା କି ଦୃଶ୍ୟ ଏ ନୟନ ଦେଖିଲା
(ଆକାଶ ବୋଝେଇ ଧୂଆଁ ହିଂ୍ସ, ଶିଳ୍ପ ମୁଦ୍ରା ଦେଖାଉଚି
କାଳୁସ ପୃଥିବୀଟିଏ ଯୂପ କାଠେ ବେକ ଦେଇ
ପାଙ୍ଗି ଅବା ପୁରଣ ଶୁଣୁଚି)
ଧର୍ମଘଟ ପତାକାରେ ବଞ୍ଚିବାର ଝୁଙ୍କ ଧରିଥିଲା ।

★

Digitized by srujanika@gmail.com

॥ ବୋଇତ ଭସାଣ ଗୀତ ॥

ବୋଇତ ଯାଏ ଭସି ... ...

ଧୂଳି ଶହର, ହାଟ ଚହଳ ସାଗର ଜଳେ ଝାସି

ମୁଁ ନାବିକ, ମୁହିଁ ଯାତ୍ରୀ ଯୁଗପାରିଧିର
ଗମ୍ଭୀର ମୁଖର । ସମୟକୁ ବନ୍ଦୀ କରେଁ
ବ୍ୟାପ୍ତିକୁ ବିନ୍ଦୁରେ ଭରେଁ କାଚ ପରଦାରେ ॥
ଖପୁରିର ପଛପଟେ ନାଳନ୍ଦା ଓ ପିରମିଡ ଚିତ୍ର ଥରେ ଥରେ
ଝୁଲିପଡ଼େ ଆଖି ସାମନାରେ

ଲୁଣିଆ ଝାଳ ଓ ରକ୍ତ କୈଫିୟତ୍ ମାଗୁ ମାଗୁ
ମୁଁ କି ଜାଣେ ବୁଢ଼ୀ ପୁଡ଼ି
ମୁଁ ଯାଉଛି ଗଢ଼ି ଗଢ଼ି
ନିଜକୁ ଛକେଇ ମୁଁ ଯାଏଁ ଖସି ଖସି

Digitized by srujanika@gmail.com

ବୋଇତ ଯାଏ ଭସି ... ...
ଧୂଳି ଗହଳ, ବାଟ ଚହଳ ... ...
ଶୀତଳ, କରୁଣ, ରୁକ୍ଷ ହିଲ୍ଲୋଳରେ ଲେଳେ

ହାଡ଼ର ଘଷଗ ଶବ୍ଦ, ପୋଷାକର ଖସ୍ ଖାସ୍, ଝଣଝାଣ ଅସୀ ବା ମୁଦ୍ଗାର ।

ଏ ପବନ ଇଙ୍ଗିଥାଏ ଦିଗହୀନ ଦୂରତ୍ୱକୁ, ଲଗି ଯାଏ
ଦିଗଶୂନ୍ୟ ଅନ୍ତରୀକ୍ଷ ଯାଏ ... ...
ବିନ୍ଦୁଏ ପୁଷ୍ପ—କବର ମଝିରେ ମୁଁ

ପଲକରେ ମାଠିବସେ ବର୍ବର, ବନ୍ଧୁର ମୋର ଶୋଣିତ—ପିହିତ ପଥ;
ଆଉ ଶୁଣୁ ଶୁଣୁ ବାଇଜି ଖପର କଥା : କୋଣାର୍କ କଳଙ୍କ
ଓଠଟାକୁ ଝୁଣି ଝୁଣି ରକ୍ତ କାଢ଼େଁ କ୍ଷୋଭରେ, ପ୍ରେମରେ ।
ଥମିଯାଇ କାନପାରେ ଗଛଙ୍କର ଫିସ୍‌ଫିସ୍ କଥାଭଷା;
ଗୋପନୀୟ ତଥ୍ୟ କିଛି ସତ୍ୟ କିଛି ଅପରିକଳ୍ପିତ ।

ପତ୍ରର ତର୍ଜନୀ ସବୁ ଭୟଙ୍କର ରୂଢ, ତୀକ୍ଷ୍ଣତର ସତ୍ୟ—ସନ୍ଧାନରେ,
ମେଞ୍ଚା ମେଞ୍ଚା ଅନ୍ଧାରୁଆ ମାଟିକୁଢ ଠାରେ

ମାଟି ତଳେ ସତ୍ୟ ... ... ମାଟି ତଳେ ... ... ମନର କବର ତଳେ...
ପୁଷ୍ପର କବର ତଳେ ?
ନିଜଠାରୁ ନିଜକୁ ଲୁଗ୍ଭଇ, ଫେଡ଼ି

ହଜିଯାଏ ମୋ ସହସ୍ର ଦୃଷ୍ଟି ର ବିନ୍ଦୁରେ...ସାଗରେ ଯାଏ ଭସି
ବୋଇତ ଯାଏ ଭସି ... ...

ସାଗର ଅତଳ ତଳ, ଜଳ ଜଳ ଦେଖାଯାଏ ପ୍ରତ୍ୟେକ ପରେକ୍ଷ
ଫାଙ୍କିବାର ବାଟ କାହିଁ ? ନୀଳ ଢେଉ ସୁନା ଖଗ, ରୂପା ମାଛ,
ମୁକ୍ତା ଓ ପ୍ରବାଳ

ଅକ୍‌ଟୋପାସ୍,ବିଷ ମାଛ,ସରିସୃପ, ସିଂହିକା ରାକ୍ଷସୀ ସଭିଏଁ ସମାନ ସତ୍ୟ
ଏକାବେଳେ । ଯେ କୌଣସିଠାରେ ॥

Digitized by srujanika@gmail.com

ଇଟାର ଅଟ୍ଟାଳି ତଳେ ସିସ୍‌ମୋଗ୍ରାଫ୍—ସାବଧାନୀ, ବିଲରେ ମୂଷାର ଗାଳି
ପଣ୍ୟାଗାରେ ଚେତନାଶୂନ୍ୟ ବିଷ, ମନେ ମନେ ମଦ, ମାଂସ
ପୂଷର ସର୍ବତ୍ ଫେଣ... ... ...
ଏଠି କିଛି ନାହିଁ, କିଛି ଅର୍ଥ ନାହିଁ

ଛନ୍ଦହୀନ ଅନନ୍ତ କଲ୍ଲୋଳ । ଅଜସ୍ର ଯମୁନା ମିଳି ଗଦା ଗଦା
ନୂପୁର ବଜାନ୍ତି ଏକାଥରେ । ଭୟଙ୍କର ।

ମହମ ପ୍ରତିମା ଯେତେ ଚୁମ୍ବନେ ତରଳି ଗଲେ
ଫେଣ ସବୁ ବ୍ୟଥାରେ ଉଜ୍ଜ୍ୱଳ
ମୋ ବୋଇତ ଘରିକଦେ ଢେଉ ଆଉ ଫେଣ ଆଉ ଢେଉ
ମାଟି ଛୁଏଁ ଭୁଲିଯାଏ, ମାଟି ... ...

ବୋଇତ ମୋ ଶୂନ୍ୟରେ (ଭର୍ପୂର), ଟଳମଳ ଦୀର୍ଘଶ୍ୱାସେ,
ଭରସାରେ ଥର ଥର ଡରେ ... ...
ଅତୀତ-ଆଚକା ହୋଇ ଆଗକୁ ତକେଇ ରହେ
ଚମକି ଝମକି ଯାଏ—ଭୂତଙ୍କର ନବ କଳେବର
ଆଗ କୁହୁଡ଼ିରେ ! ଉଃ !!
ପୂର୍ଣ୍ଣରୁ ପୂର୍ଣ୍ଣ ଫେଡ଼ିଲେ ପୂର୍ଣ୍ଣ ରହେ ପର ।।
ଅଙ୍କ ଯାଏ କଷି
ଆଉ ବୋଇତ ଯାଏ ଭସି
ଧୂଳି ଗହଳ, ହାଟ ଚହଳ ସାଗର ଜଳେ ଝାସି
ସାଗର ଜଳେ ଝାସି...
ସାଗର ଜଳେ ଝାସି... ।

★

Digitized by srujanika@gmail.com

।। ଝଡ଼ ଥମିଗଲା ପରେ : ଝଡ଼ ।।

ଛିନ୍ନ ପତ୍ରର କାରୁଣ୍ୟ ବିଞ୍ଚି ହୋଇ ପଡ଼ିଚି ପୋଡା ମାଟିରେ
ଗଛ ବୁଝିଛି ତା'ର ପ୍ରତିଶ୍ରୁତି ଅଯଥା :
ସେ ସ୍ତବ୍ଧ ।।

ଆକାଶ ବେପରୁଆ, ମାଟିର ତଟିନୀ ବି
ସେମାନେ ନାଚିଥିଲେ ଏକାକାର ହୋଇଥିଲେ
ଦିଗ୍‌ବଳୟକୁ ପଛେଇ ଦେଇ ;
ଅସଂଖ୍ୟ ସାମୁଦ୍ରିକଙ୍କର ଜୀବନ୍ତ ସ୍ୱର୍ଗାରୋହଣ ଆଗରୁ
ଝଡ଼ ଉଡ଼ିଗଲା
ନେଳୀ ପାଣିରେ ବୁଡ଼ିମଲେ
ଅନେକ ମନସ୍ତାପ ।
ଅନେକ ସ୍ୱପ୍ନ ।।

: ସାଗର ତମକୁ ପିଇଯିବାର ଦୁର୍ବାସନା ମୋର ଜାଗିନି
ଆକାଶ ତମକୁ ବି ମାପିବାର
ମୋର ଏ ସଂକୋଚକୁ ପ୍ରବଳ ପ୍ରତାପୀ ଝଡ଼ଟାଏ ବି
ଭୟକରେ ।

Digitized by srujanika@gmail.com

ପର ଦିନର ସୂର୍ଯ୍ୟଙ୍କୁ
ଗଛମାନେ ପ୍ରସ୍ତୁଲେଇଲେ :
ଘାସ ଫୁଲର ଏ ଗୁମାନ ଭାଁଗ-ପୁଜାଦେବୁଁ ।

ବିଚରା ଫୁଲଟି । ଲଜ୍ଜିଗଲା ।
ସତିଏଁ ଖୁସି । ନିର୍ଲଜ୍ଜ ସୂର୍ଯ୍ୟ ବି ।
ଖଣ୍ଡିଆ ଭୂତଟାଏ ଧନ୍ଦି ମରୁଚି ସେଇ ଚିତାର ସ୍ୱରିପିଠି :
ସେ ପାଗଳା ଚକାଭଉଁରୀ ଖେଳ
ଦରଦୀ ଝଡ଼ର ॥

★

Digitized by srujanika@gmail.com

॥ ନିରର୍ଥ କଥକ ॥

॥ ପୂର୍ବରାଗ ॥

ଅଗସ୍ତି ଫୁଲର ଶିଶିରରେ ଚେନାଏ ଆକାଶ ।
ଆକାଶର ଉଦୟ ଉତ୍ସବ ଅଗସ୍ତିରେ ସ୍ତବକିତ :
ଆକାଶ ବନ୍ଦୀ ॥

ତୁମ ଅଗଣାର ମାଟିକୁଣ୍ଡର ଫୁଲ କେତୋଟିରେ
ବନ୍ଦୀ ପୃଥିବୀ ॥

ଗୁଡ଼ାଏ କୋହ ତଥାପି ଉଛିଁ ମିଳାଇ ଲାଗିଚି କେଉଁଠି ।
ଅସଂଖ୍ୟ ବାସ୍ନା, ଚିହ୍ନା ନାଇଁ, ପଶି ଆସିଲେଣି ତଥାପି ।
ତୁମର ସୌନ୍ଦର୍ଯ୍ୟ ଆଗର ଆଲେକ-ଚିତ୍ରରେ ସଂକୁଚିତ ।
ମୁଁ ପଡ଼ି ରହିଚି ମୋର ସ୍ମୃତି ନେଇ ।
ବନ୍ଦୀ ଆକାଶ : ବନ୍ଦୀ ପୃଥିବୀ : ବନ୍ଦୀ
ତୁମକୁ ନେଇ ମୋର ସ୍ମୃତି :
ମୁଁ ॥

ପରୀକ୍ଷାର୍ଥୀ ତୁମର ବହିରେ ଅନେକ ନାଲିଦାଗ
(ଭୌଗୋଳିକ ପୃଥିବୀ କି ଐତିହାସିକତାରେ ରେଖାରୂଢ଼)
ଦିନେ ଅର୍ଥ ଧରିଥିଲା ।

Digitized by srujanika@gmail.com

ମୁଁ ବୁଝି ପାରୁନି ସେ ସବୁ କିଛି ଏଇନେ ।
ବୁଝି ପାରୁଚି କିନ୍ତୁ ଏଇ ଧୂଳିଆ ପିଲାଟିର ସରଳତା ।
ଚିହ୍ନି ପାରୁନି ପ୍ରଜାପତି ଆଖିର ଜୀବନ୍ତ ଗୋଲାପଟି

ସ୍ମୃତି ଗୁଡ଼ାକରେ ମକଚି ଯାଉଚି କଅଁଳ ଏଇ ଦାଣ୍ଡଧୂଳି । ଏଇ ଗୋଲାପ...
ବନ୍ଦୀ ଆକାଶକୁ ଚିହ୍ନି ହେଉନି ।
ବନ୍ଦୀ ପୃଥିବୀକୁ ଛୁଇଁ ହେଉନି ।

ଲୁହ ବାସ୍ନା ଘଡ ଘଡିର ଦୀପଟି ତୁମ ଫୋଟୋର କାଚରେ
ସବୁ ମିଶି ଦୁଷ୍ଟ ଧୂଳିଆ ପିଲାଟିଏ/ତରତର ପ୍ରଜାପତି
ସ୍ମୃତି ।

ମୁଁ କେନ୍ଦ୍ରୀଭୂତ ହୋଇ ଯାଉଚି / ଘନୀଭୂତ ହୋଇଯାଉଚି

ମାତ୍ର ପାଣି ହୋଇ ମୁଁ ବହିଯିବାକୁ ଚାହେଁ
ଧୂଆଁ ହୋଇ ମୁଁ ଉଡ଼ିଯିବାକୁ ଚାହେଁ
ତୁମ କଷିଥିବା ଅଙ୍କର ଆରପାରିକୁ
ତୁମ ଗାଇଥିବା ଗୀତର ଅଗଣାରୁ ଦୂରକୁ ।

ଅଗସ୍ତି ଫୁଲର ଗୁଣ୍ଠନ ଫିଟାଇ ଦିଅ ଭଲା
ବିଚରା ଆକାଶ ଉଡ଼ିଯାଉ ନୀଳ ପାରଟି ପରି ।

ଏଇ ଫୁଲ କେଇଟାର ତଣ୍ଟି ଚିପି
ମୁଁ ମୋର ମାଟିମାଆକୁ ମୁକୁଳେଇବି ?
ଚୂର୍ମାର କରିଦେବି ଅତି ସ୍ନେହରେ
ତୁମର ଫୋଟୋକୁ, ଯା'ପରେ ତୁମେ ହବ ମୁକ୍ତ ?

।। ମଧ୍ୟ ପର୍ବ ।।

ବିଭିନ୍ନ ଶବ୍ଦର ବଳୟରେ ଏକ ଏକ ନିରପେକ୍ଷ ସୃଷ୍ଟିକୁ ଖୁନ୍ଦିରଖି ମୁଁ ଉଷୁଚା ପାଏଁ ।

ଅନେକ କାମନା ହସରେ ବତୁରି, ସନ୍ତାପରେ ସନ୍ତୁଳି ହୋଇ, ଲୁହରେ ପହଁରି ପହଁରି ବାଁରେଇ ଯାଆନ୍ତି ମୋତେ । ଫଳରେ ଏକ ଉଷର ଆନନ୍ଦରେ ମୁଁ ବହିଯାଏ ।

Digitized by srujanika@gmail.com

ବର୍ଷିବା (ଏବଂ ସେଥିପାଇଁ ପ୍ରେମ; ପ୍ରଜନନ, ଚିତ୍ରାଭିନୟ, ଯୁଦ୍ଧ ଓ ଶାସନ ଏବଂ
ସେସବୁର ସମ୍ବାଦ ସ୍ୱାଭାବିକ ଭାବେ ହଜମ କରିବା) ଏକ କିମ୍ଭୁତ ବ୍ୟାପାର
ମୋ' ପକ୍ଷରେ ।

ତା'ଠାରୁ ସହଜ ବାଟ ମୋତେ ଜଣାନାହିଁ ।

କିଛି ଅଦେୟ ବସ୍ତୁ, ତୁମେ ନ ନିଅ ପଛେ, ଦେବାକୁ ବସିଚି :

ସକଳ ଯୁକ୍ତିରୁ ଅବଶିଷ୍ଟ ମୋର ଆତ୍ମ-ପରିଚୟ
ମୁଁ ଉଡ଼େଇ ଦେଉଚି ମୋର ଆକାଶରେ ।

ତୁମର ଚଉଦିଗର ଯେଉଁ ବେଢ଼ା
ତୁମର ଆଖିପାଆନ୍ତା ଯେଉଁ ବଳୟ (କି
ନିଷ୍ଠୁର ପହରା ସେମାନେ !
) ତୁମେ ତାଙ୍କୁ ଭଲ ପାଅ । ଆଗେଇ ଯାଅ ।। ଏଣେ
ସୁର୍‌ଟିଏ କଣ୍ଠ ଛୁଇଁ ନପାରି, ନିଆଁ ଝୁଲେ ଅରଣୀ ନପାଇ କି ବିକଳ
ତୁମର ଖାତିର ନାଇଁ । ଆହା, ସେହି ଅନାହତ ବ୍ୟଥାରେ କାନ୍ଦିଚି ମୁଁ
କି ଆଗମ୍‌ରେ ।

କାଳମାନଙ୍କୁ ଝଡ଼ ଆଗର ପତ୍ର ପରି ଧରେଇ ଦେଇ ମୁଁ ଲମ୍ଫି ଯାଇଚି ଦିଗହୀନ ।
ଦୁର୍ବୋଧ୍ୟ ।

ତୁମେ ଇନ୍ଦ୍ରିୟର ଅଭିଧାନରେ ପ୍ରକୃତିକୁ ଆଉଟୁଚ । ତୁମରି ଅଭିଧାନର ଅର୍ଥରେ
ଅର୍ଥର ଛାଞ୍ଚରେ ମୋତେ ମରିବାକୁ ହୋଇଚି ବାରମ୍ବାର ।

ସେଇଥିପାଇଁ କାନ୍ଦି କାନ୍ଦି ମୋର ଅନପିହିତ ମୁଁତ୍ୱକୁ ମୁଁ ଉଡ଼େଇ ଦେଉଚି
(ମୋର ଧାରଣା,ତୁମର ଦୃଷ୍ଟି ମୋ ଆକାଶରେ) । ଚିହ୍ନ ଥରେ ମୋର କରୁଣ ସୂର୍ଯ୍ୟକୁ !
ଭଲ ପାଅ ମୋର ନିଷ୍ଫଳା ଫୁଲମାନଙ୍କୁ, ମଉଳିବାକୁ ଯିଏ ଏଡ଼େ ସୁନ୍ଦର !

ତୁମେ ଆକାଶରେ ଗୁଡ଼ି ଉଡ଼େଇ ହାତର ନଟେଇରୁ ଅତୁଆ ସୂତା ଖୋଲିଲାବେଳେ
ମୁଁ ପାଟି କରିଚି । ଫୁଲଟିକୁ ଲତା କୋଳରୁ ଛଡ଼େଇଆଣି ପ୍ରେମ ଭକ୍ତି
ସ୍ତାବକମାନଙ୍କୁ
ବାଣ୍ଟିଲାବେଳେ ମୁଁ ଶିତେଇ ଉଠିଚି । ଝାଳେଇ ଯାଇଚି ।।

କଥାରେ ଛଳନା ଖୋଜି ତୁମେ ଯେଉଁଠି ଗୀତ ଗାଅ, ବର୍ଷିବାକୁ ବାଁରେଇ
ତୁମେ ଯେଉଁଠି ନୂପୁର ପିନ୍ଧ,
ନିଜକୁ ଅବିଶ୍ୱାସ କରି ତୁମେ ଯେଉଁଠି ଦେଉଳ ଖୋଲ କି ପରମାଣୁ ଫୁଟାଅ
ସେଇଠି ମୁଁ : ସ୍ପଷ୍ଟ । ମଳିନ ।

Digitized by srujanika@gmail.com

।। ଉତ୍ତରାଂଶ ।।

ସବୁତକ ଗଣ୍ଠି ଫିଟେଇ ସାରିଲିଣି । ଉବୁଟି ପୁରପୂରି ବୁଣି ବି ହୋଇ ସାରିଲିଣି ।
ଛାଣି ସାରିଲିଣି ଏଇ ରିକ୍ତତାର କାକରରେ ଝାଳେଇ ଯେ ଏତେ କାଚ
ମୁଁ ମୋର ଦ୍ୱୈତ ସ୍ଥିତିକୁଇ କବିତା ଶୁଣାଉଥିଲି, ଯେଉଁଥିରୁ ଗୋଟିଏ ହାଡ଼ ତ
ଅନ୍ୟଟି ଫୁଲ ।

ସୁତରାଂ ମୁଁ : ଏକ ଶ୍ରୋତାହୀନ କଥକ, ଆତ୍ମକାହାଣୀରେ ଭର୍ପୂର
ଆପଣାକୁ ଅଯଥା / ଅଗତ୍ୟା ଟିକି ଟିକି ବୁଣିଗଲି ।

ପ୍ରଥମ ପୁରୁଷ ନିଭିଗଲା ।

ତୁମେ : ଖୋଜି ଖୋଜି ହାଲିଆ ହେଲଣି / ଡାକି ଡାକି ଥକିଗଲଣି
ନିରୁତ୍ତର ।

ଦ୍ୱିତୀୟ ପୁରୁଷ ନିରୁଦ୍ଦିଷ୍ଟ ।

ସେମାନେ : ଦୂରବୀକ୍ଷଣର କାଚରେ ବି ଧରା ଦେଉ ନାହାନ୍ତି କି
ଅଣୁବୀକ୍ଷଣର ମାପରେ କଳି ହେଉ ନାହାନ୍ତି ।

ତୃତୀୟ ପୁରୁଷ ନେପଥ୍ୟର ନାୟକ ।

ଅନନ୍ତ ଆକାଶ ଭରି ନୀରବ
ଅଜସ୍ର ଆଖି
ଅଜସ୍ର କୁଣ୍ଡଳୀ
ଝୁଲୁଥାଉ ।

★

Digitized by srujanika@gmail.com

॥ ସେହି କିଶୋରଟି ॥

ଅନ୍ଧକାରର ଏକ ବିଗତ ଖମକୁ ଆଉଜି
କିଶୋରଟିଏ;
ଦିହରୁ ତା'ର
ବାରୁଦିଆ
ତେଲ ଚିଟା
ଧୂଆଁ ଗତିଆ ଗନ୍ଧ (
ନେପଥ୍ୟରୁ ମଳୟ ବଦଳୁଚି । କଫ ଜମି ଆସୁଚି
କୋଇଲିର

) ଝୁଲେ ଝୁଲେ ଖୁଅନ୍ଧଡ଼ା ଗୀତ ଏଠି ସେଠି
—ଏକ ଏକ ମହିମ୍ନସ୍ତୋତ୍ରର ଜ୍ୟୋତିର୍ଲିପି—
ଜୁଳୁଜୁଳୁ ତାରକାରୁ ସୁସମାଚାର ଝରି
କିଶୋରଟି ସିକ୍ତ.....
॥ କଫିନ୍‌ରେ ପିରିଖ ପିଟାର ଶବ୍ଦ ନେପଥ୍ୟରେ ଅବିରତ ॥

କୋଇଲା ଖଣିର ଗୁମ୍‌ମର ଗିଦିଗିଦା ଅନ୍ଧାରରେ
ଘୁମେଇଚି ଆତ୍ମା, ଭବିଷ୍ୟତ—ସ୍ତୂପ ।

Digitized by srujanika@gmail.com

ଚଚଲ ଇସ୍ପାତ୍ ଆକାଶରେ
ବମନମୁଖୀ ବ୍ୟସ୍ତତାର
ସ୍ମୃ ସ୍ଘତ (କିଶୋରଟି

ନିଭି ନିଭି ଯାଉଚି

ଅନ୍ଧାରର ଖମ୍ବକୁ) ହଠାତ୍ ପାହାଡ଼ ସବୁ ଗାଇ ଉଠିଲେ
ପ୍ରଣବ, ସମୁଦ୍ର
କାନ୍ଦଣାରେ କଲେ ଛେଳିଘଟ... ... (କିଶୋ।ରଟି ...

) ନିଭି ନିଭି ଯାଉଚି ନେପଥ୍ୟରେ
ତଥାପି ପିରିଖ ପିଟାର ଶବ୍ଦ

ଭଙ୍ଗା–ପୃଥିବୀ–ଜୀର୍ଣ୍ଣ–ସସାରର ।

Digitized by srujanika@gmail.com

।। ଛାୟା ।।

ସଚେତ ହୁଏଁ ଅବା ଅଚେତ ହୁଏଁ
ମୁଁ ଯେ ବିନ୍ଦୁଟିଏ

କକ୍ଷେ ଆବୋରିଚି ବିରାଟ କାୟା ଯେତେ
ବିନ୍ଦୁହୀନ ।

ସବୁକୁ ମିଶାଇଲେ ବିନ୍ଦୁ ମିଶାମିଶି ଚିତ୍ରଟିଏ
ଅନେକ କକ୍ଷର ଛକରେ କଟାକଟି ।
ଛନ୍ଦହୀନ ।।

ସାଗର ଆକାଶ ସୂର୍ଯ୍ୟ ପାହାଡ଼ ବା ମରୁରେ ନିରେଖି
ଚମକି ପଡ଼ିଚି ନିଜେ । ବୋକାଭଳି ପଶୁରି ବୁଝିଚି
ଦର୍ଶନର ପରାମର୍ଶ ତର୍କ ଆଉ ତଥ୍ୟର ତୀର୍ଥରେ ... ...
ଆପଣାକୁ ହଜାଇବା ପରାମର୍ଶ ସବୁଠୁଁ ମିଳିଚି ।।

ଆକାଶେ ଜଡ଼ିଚି ହାଲୁକା ପକ୍ଷେ ଥରକୁ ଥର
ଆକାଶ ଉଠିଚି ଅକାଶୁ ଆକାଶେ ପକ୍ଷ ମେଲି
ସାଗରେ ବୁଡ଼ିଚି ସିନ୍ଧି ପିଆସୀ, ଗଭୀରଚର
ଢେଉରେ ଢେଉରେ ଦୀର୍ଘ ହୋଇଚି ବଳୟ–ବାରି ।

Digitized by srujanika@gmail.com

ପୋଡ଼ିଯିବା ପାଇଁ ସୂର୍ଯ୍ୟରେ କେବେ ଦେଇଛି ଝାସ
ଦେଖିଛି ତହିଁ ଯେ ବିନ୍ଦୁର ସଭ–ଆଲୁଅ ଖେଳ
ଯାହାଡ଼େ, ମରୁଟରେ ଅଶେଷ ବିନ୍ଦୁ ଶରଣାଗତ
ବନ୍ଦୀ ଶିବିରେ ମୁକ୍ତିର ଲାଗି ଲାଗିଛି ମେଳା ।

ତେଣୁ ମୁହିଁ ଡରି ଡରି ନିବୃତ୍ତିର ପଥ ଅନୁସରି
ପଳାଇ ଆସିଛି ପଛେ ତେଜି ଦୂରେ ବିନ୍ଦୁ ମହୋତ୍ସବ
ବିଗଟର ବାଘ ଛାଲୁ ନଗ୍ନ ମୁହିଁ ଫେରିଛି ବିଷାଦେ
କାନ୍ଧେ ବହି ଅନ୍ଧକାରେ ଯୁଗ ଯୁଗ ଅଭିଜ୍ଞାର ଶବ ।।

ଆଲୋକରେ ଦେଖେ କାହିଁ ଛାୟା ମୋର ପଡ଼େ ନାହିଁ ତିଳେ
ଅନ୍ୟ ଏକ ସୂର୍ଯ୍ୟ ଛାୟା ଦୀପ୍ତିମାନ ମୋ ସୂର୍ଯ୍ୟରେ ମିଳେ ।

ଦିନର ଦୁଇ କୂଳେ ଧରର ଓଠେ ସୂର୍ଯ୍ୟ ଯେତେବେଳେ ଅବିର ବୋଳେ
ଏଡ଼ାଇ ଦେଇ ତହିଁ ନିଜର ଛାଇ ଗୁହିଁଛି ମର୍ଜି ସେଇ ଦୃଶ୍ୟ ରେଳେ ।

ମାଟିର ମୋହ ଭୁଲି ସୂର୍ଯ୍ୟ ଯେବେ ଊର୍ଦ୍ଧ୍ୱ ଆକାଶରେ ହସିଛି ମୋତେ
ବିନ୍ଦୁ ସମ ମୋର ଛାଇଟି ଲେଟି ଚୁମିଛି କରୁଣେ ମୋ ଚରଣ ସତେ ।

ବିଶ୍ୱ ରୂପ ମୋର ଦେଖିବି ବୋଲି ଚନ୍ଦ୍ରେ କେତେଥର କହିଛି କଥା
ମୋ ଛାଇ ପଡ଼ିନିଚ ଚନ୍ଦ୍ରେ କାହିଁ ! ବ୍ୟର୍ଥ, ଶୋଷିଛି ସେ ବାଲିର ବ୍ୟଥା ।

ଅଲିଅଳ ପିଲାପରି କାନୀ ଧରି ଅଳି କରି କରି
ସେ ଖାଲି ମୋ ପଛେ ପଛେ ଗୋଡ଼ାଇଛି କି ଅଝଟ ଧରି ।
ବ୍ୟଥା ତା'ର ବୁଝି କେବେ ନିର୍ବୋଧ ମୁଁ ଫେରଇନି ମୁଖ
ବିଗଟର ମହାଗର୍ବେ ମତି ମୋର ହୋଇଛି କିଙ୍କରୀ ।।

ଦିନେ ଏକ ସାୟାହ୍ନରେ
ଆତ୍ମଗ୍ଲାନି ଭରେ
ସାମନ୍ତ ଶ୍ରେଣୀୟ ସୂର୍ଯ୍ୟ ଫିଙ୍ଗି ଦେଲା ଯେବେ
ମୋ' ପଛକୁ ଅସ୍ତିତ୍ୱ ମୋ;

(କ୍ରମ ଭଙ୍ଗିଗଲ)

Digitized by srujanika@gmail.com

ବାଦୀର ସମ୍ବାଦୀ ପରି ବୋହିଥାଣି ତାହା
ଜ୍ୟୋତ୍ସ୍ନା ପୁଣି ଶୁଆଇଲା ମୋହରି ଅଗ୍ରତେ
ସତେ ଅବା ଏ ଧରାରେ ଶରଣାର୍ଥୀ ଜଣେ
ଶବ ହେଲା,ସଢ଼ି ସଢ଼ି, ସ୍ନେହର ତୃଷାରେ !

ଫେରିଲି ତେଣୁ କୁଟୀରେ ମୋର କ୍ଷୁଦ୍ରତର
ଏଡ଼ାଇ ଦେଇ ମହାନ ଲାଗି ସମ୍ଭ୍ରମ
ପାଶୋରି ଦେଲି ସୂର୍ଯ୍ୟ ଛବି ତୀବ୍ରତର
ବୁଡ଼ାଇ ଦେଲି ଦର୍ଶନର ସଂଯମ ।।

ଛୋଟିଆ ମୋର କୁଟୀରଟିରେ
ପୁଷ୍ପମୁଖୀ ବଧୂଟି ସମ
ନଇଁଥିଲା ପକ୍ଷ୍ମ ତା'ର
ଦୀପର କୋଳେ ସଳିତା ଶିଖା

ବାସରେ ଅବା ସ୍ୱର୍ଣ୍ଣମୟୀ
ବର୍ଣ୍ଣମୟୀ କାନ୍ତା କାର
ପରଖୁ ଥିଲା ଗୃହାଣୀ ଛଳ
ନଖର କୋଣେ ଚିତ୍ର ରେଖା ।।

ଶିଖାର ସାନ୍ତ୍ୱନା ଲଭି ଦେଖିଲି ମୋ ଛାୟାର ନର୍ତ୍ତନ
ଲାସ୍ୟରୁ ଆରମ୍ଭ ହୋଇ ତାଣ୍ଡବରେ ହୋଇଛି ମଗନ
ଆପଣାର ଅସ୍ତିତ୍ୱରେ ଏ ମିଳନ ନୋହେ ଭଜିବାର
ଅମୂଲ୍ୟ ଏ ସୃଷ୍ଟିର ଉଲ୍ଲାସ, ଧରଣୀର ଅମୂଲ୍ୟ ସମ୍ଭାର ।।

ତାହାଠାରୁ ଭଲ ବରଂ ଫେରିଯିବା ଅନ୍ଧଗୁହା କୋଳେ
ନିଭୃତରେ ଥାପି ଏଥି ଛାୟା ଆଉ ଶିଖାର ଆଶ୍ଳେଷ
ଆଲୁଅ ଆଶ୍ରୟ ପାଇ ଲୀନ ହୋଇ ଛାୟାର ଛାତିରେ
ତମସାର ଶାନ୍ତ କୋଳେ ଧରଣୀ ବା ହୋଇବ ଉଶ୍ୱାସ ।।

Digitized by srujanika@gmail.com

ନିଭିଲା ଭୀରୁ ସେଇ ସଳିତା—ଶିଖା
କ୍ଷୁଦ୍ର ଫୁଲରେ ଚୁମ୍ବ ଲଭି
ବିସ୍ମୟ ମୋର ଛାୟାର କୋଳେ
କଅଁଳ ଶିଖାଟିଏ ଗଳିତ ଦ୍ରବି ।

ମେଘର ପରଦା ଟାଣି ନିଭଲି ଆକାଶ ଆଲୋକ
ତିମିରେ ଘୋଡ଼ାଇ ଦେଲି ଶ୍ୟାମସ୍ନିଗ୍ଧା ଧରଣୀର ଛାତି
ଦେଖିଲି ଏକାକି ମୁହିଁ ପଶିସିଚି ଅନ୍ଧାରେ ପହଁରି
ଅନ୍ଧାରେ ଉଜଳି ଉଠେ; ଏକା ମୋର ଅଜସ୍ର କୀରତି ।।

ମାଟି କି ଆକାଶ କିଛି ଦୃଷ୍ଟି ମୋର ପାରୁ ନାହିଁ ବାରି
ଆଖିକୁ ମୁଁ ଛୁଟି ଦେଲି ଜନ୍ମୁ, ଅବା ନିତ୍ୟୁ ନାସ୍ତିତ୍ୱରୁ
ଦେହର ଅସ୍ତିତ୍ୱ ମୋର ସ୍ପର୍ଶ ଦ୍ୱାର ପ୍ରମାଣିତ କରି
ଖୋଲିଲି ମୁଁ ମୁକ୍ତ ହୋଇ ଆଗ, ପଛ ସମସ୍ତ ମାପକୁ ।।

ଦୁଇ ହାତେ ଅନ୍ଧକାର ଆଡ଼େଇ ଆଡ଼େଇ
ଦୁଇ ଗୋଡ଼େ ମକଚି ମକଚି
ଯାଉଁ ଯାଉଁ
ଦପ୍ କରି ଭେଟ ହେଲା
ଗୋଟିଏ ଖଦ୍ୟୋତ ... ...

ନେଳିଆ ଥୋପାଏ ଖର
ଦିଗ ହଜା ବୋଇତର ଦୀପସ୍ତମ୍ଭ ପରି
ଦୃପ୍ତମଦେ ଜଳୁଚି ଜଳୁଚି ।।

ସମ୍ଭ୍ରମରେ ଡାକି ମୋର ସକଳ ମମତା
ପଚାରିଲି ନମ୍ରେ ପରିଚୟ
—"ଜୁଳୁଜୁଳିଆରେ ଜୁଳୁଜୁଳିଆ
ଘଣ୍ଟ ଓଳି ତଳେ ବସିଚୁ କିଆଁ"
—"ତାରଟିକି ମୋ ହଜାଇ ଦେଲି
ଖୋଜୁଚି ଜାଳି ମୋ ନେଳିଆ ନିଆଁ" ।।

Digitized by srujanika@gmail.com

ତରଟିଏ ସେ ନିଛାଟ ଅତି
ହରିଣୀ ପରି ଚପଳ ମତି
ମାଛି ଅନ୍ଧାରୀ ଆକାଶ ବଣେ
ଫୁଟିଥିଲା ସେ ଛୋଟିଆ କ'ଣେ
ପରୀ ଗଣୀର ଟିକି କନିଆଁ
ଅତି ତୁବୁତୁରୀ ଅତି ଛାନିଆଁ
ଲୁହ ଜୁବୁ ଜୁବୁ ଶୀତଳ ଛାତି ସେ
ନିଆଶୀ ଅତି !

ମୁଁ ଏଇ ବଣର ଉଞ୍ଚା ଡାଳର ପାହାଡ଼ ଚଢ଼ି
ଆଖିରେ ତାହାର ଆଖି ମିଳାଇଲି ମନରେ ମନ
ଆମ ତରସରେ ତିମିର-ପରଳ ପଡ଼ିଲା ଛିଡ଼ି
ଆମ ତରସରେ ଚହଟି ଉଠିଲା ଗହନ ବନ ।।

ସରଗର ସିଏ ଆଉ ମରତରେ ମୁଉଁ, ଦୁହେଁ ମିଳି
ଗଢ଼ିଥିଲୁଁ ସ୍ୱପ୍ନ ଏକ କ୍ଷୀଣ ଆମ ଏକାଗ୍ରତା ଯୋଡ଼ି
ସେଇ ଛାୟା ପଥ ବାହି– ବହିଗଲା କେତେ ଚଇତାଳି
ଆମର ମିଳନ ରତି ଏକ ପରେ ଏକ ଗଲା ଉଡ଼ି......

ଏ ରତିର ଶୂନ୍ୟ ନଭେ ସଂଖ୍ୟାହୀନ ଜ୍ୟୋତିଷ ସଭାରେ
ଆଖି ମୋର ବୁଲୁଥିଲା ଆଦରର ତାରଟିକି ଲୋଡ଼ି
ହତାଶାରେ ଭବୁଥିଲି 'ବିଚରଟି ପଡ଼ିନି ତ ଝଡ଼ି
କ୍ଷୁର୍ଣ୍ଣହୋଇ ମହା ମହା ସ୍ୱାର୍ଥପର ଜ୍ୟୋତିଷ ବିଭରେ !

ହଠାତ୍ କାହାର ତୁଳୀ ଦିଗନ୍ତରୁ ଦିଗନ୍ତେ ପହଁରି
ନିମିଷକେ ଟାଣି ଦେଲା ନିଭୃତିର କେଇପଟା ମେଘ
କୋଉଲା ଖଣିର ଛାତ ଆକାଶଟା ପଡ଼ିଲା ଉଲୁଗି
ଫୁଟ୍‌କରି ନିଭିଗଲା ଗ୍ରାମ ଅବା ସହରର ଯାଗ ।।

Digitized by srujanika@gmail.com

ନିଭିଗଲା ଆକାଶଟା ଦୀର୍ଘ ଏକ ସ୍ୱଗତୋକ୍ତି ପରି
ବକ୍ଷେ ଧରି ଶତ ଶତ ଉଲ୍‌କା-ବାହୀ ଜ୍ୱଳନ୍ତ ଗୋଲକ
ଚଳୁଛି ଏ ମାଟିରେ ମୁଁ ଜଳି ଜଳି ନିଜର ନିଆଁରେ,
ଏ ଧରାର ଶେଷ ବୃକ୍ଷ, ଖୋଳୁଛି ମୋ ପ୍ରୀତିର ସ୍ତବକ ।।

କ୍ଷମାକର ହେ ଖଦ୍ୟୋତ, ମୁହିଁ ସେଇ ପ୍ରଳୟର ଶୀଳ୍ପି
ଅନ୍ଧୁଣୀ ଏ ମାଟିଟାର ତମେ ରିକ୍ତ ଶେଷ ଦୀପଶିଖା
ବିଧ୍ୱସ୍ତ ସମୃଦ୍ଧି ସ୍ତୁପୁ ଅସମାପ୍ତ ବାସନା ଉଦ୍ଧାରି
ଅଜାଣତେ ଗଢ଼ିଲଣି ଲମ୍ବା ଏକ ଶାନ୍ତ ଆଖ୍ୟାୟିକା

ଅନନ୍ତ ଶୂନ୍ୟତା ଭେଦି ଲେଖୁଁ ଲେଖୁଁ ନୀଳର ଆଲେଖ୍ୟ
ଘଚାଚିପା ଅନ୍ଧକାରେ ପୋଛି ହୋଇଗଲେ,
ଖାତିର କଲୁନା ତମେ ଗତ ଅବା ଆଗତକୁ,
ଚମ'ପରେ ଲଦାଇବା ଅବକାଶ ଦେଇ ।।

ଅନୁଦ୍‌ଭବିତ ଏକ ଆଣବିକ ସଭ୍ୟତାର କଥା
ମୁଁ ତହିଁ ପଢୁଛି ବସି ଯୋଡ଼ି ଯୋଡ଼ି ମୁମୂର୍ଷୁ ନିମେଷ
କୌଣସି ଅପରିଚିତ ଲିପିର ମୁଦ୍ରାରେ ।।

ଅଦ୍ଭୁତ ତୁମର ଚୁଳୀ
ଅତୀତରେ ବୁଡମାରି ଉଏଁ ଯାଇ ଭବିଷ୍ୟ ଗର୍ଭରେ
କାଟି କାଟି ପରମ୍ପରା-ବ୍ରହ୍ମା ବିଷ୍ଣୁ ମହେଶ୍ୱର ମାନ ।

ନିଜର ଅସ୍ତିତ୍ୱ ନିଜେ ବିଶ୍ୱାସ କରିନି କେବେ
ନିଜର ପୌରୁଷେ ନିଜେ ପ୍ରହାର ଛାଡ଼ିଚି ପୁଣି
ଏ ମାଟିର କୋଡ଼ପୋଛା, ଆକାଶ ବିବାଦି ସାଙ୍ଗେ
ନିଛାଟିଆ ବିଜ୍ଞାନର ପାହାଡ ଚୂଡ଼ାରେ ଚଢ଼ି

Digitized by srujanika@gmail.com

ଢଢ଼ର ମାପରେ କଳି ଭୂମାର ବିସ୍ତାର କେତେ
ମୁଁ ଖାଲି ଝୁଣିଚି ସଦା କାଚର ନୀରବ ବୁକୁ,
କ୍ଷମା କି ଦେବନି ବନ୍ଧୁ ! କ୍ଷମା ମିଳିବନି ମୋତେ !!

ଜୁଳୁଜୁଳିଆଟି ସେତେବେଳକୁ ଅନିର୍ବାଣ ଦୀପଟିଏ ହୋଇ ସାରିଥିଲ !
ସେଥିରେ ନର୍ତ୍ତନ ନାହିଁ ନମ୍ରତା ନାହିଁ ସଂକୋଚ ନାହିଁ ଶାନ୍ତି ନାହିଁ କି ଶାନ୍ତି ନାହିଁ ।

ମାଟି ଓ ଆକାଶର-ସ୍ମୃତି ଓ ବିଶ୍ୱାସର ସେଇ ଶେଷ ଚିତାଗ୍ନି
ଗ୍ରାସର ଗାମ୍ଭୀର୍ଯ୍ୟରେ ସ୍ଥିର ।
ଅଥଚ କ୍ଷମାର କ୍ଷମତାରେ ନୀଳ
ଶୂନ୍ୟତାର ଛାୟା ତହିଁ ନାହିଁ ।
ମୋ ଦେହରେ, ଇସ୍ !

ଅସଂଖ୍ୟ ଜୁଳୁଜୁଳିଆ ଘୂରି ଘୂରି କଅଣ ଉଣ୍ଡୁଚନ୍ତି !

ନ ତତ୍ର ସୂର୍ଯ୍ୟୋଭାତି ନ ଚନ୍ଦ୍ର ତାରକମ୍
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମ୍ ଅଗ୍ନି
ତ୍ୱମେବ ଭାନ୍ତମନୁଭାତି ବିଶ୍ୱମ୍
ତସ୍ୟଭାସ ସର୍ବମିଦଂ ବିଭାତି !

ଏକ ମୃତ ଖଦ୍ୟୋତର ପ୍ରତିବିମ୍ବରେ
ମୁଁ ପରଖି ଲାଗିଲି ଆମପିଲେ ଗଢ଼ିଥିବା ମାଟି କଣ୍ଢେଇର ଖପରା ଗୁଡ଼ାକ !

ଯୋଡ଼ି ଯୋଡ଼ି ଅଭ ଏକ ଗୋଲକର ନକ୍ସା ଆଂକିବାର ପ୍ରୟାସ
ମୋର ପ୍ରାୟଶ୍ଚିତ !

*

Digitized by srujanika@gmail.com

ଉପନ୍ୟାସ

Digitized by srujanika@gmail.com

Digitized by srujanika@gmail.com

।। ଉପଚ୍ଛାୟା ।।

ମୁଁ କିଛୁ ପାରୁନି ଜାଣି କାହିଁକି ଏ ଆତ୍ମ-ପ୍ରବଞ୍ଚନା
କାହିଁକି ଏ କ୍ଷୋଭ, କ୍ଷତି, କ୍ଷତ ଆଉ କ୍ଷୟର ଯନ୍ତ୍ରଣା
ଆପଣାକୁ ସତ୍ୟ ମଣି ଏବଂ ତା'ଉପରେ ଆଁକି ସଂଖ୍ୟାହୀନ ବୃତ୍ତର ପରିଧି
ସେ ସବୁ ସ୍ୱୀକାର କରି ତୁଚ୍ଛାଟ୍ୟରେ ସହିଲିଣି
ଈର୍ଷା, ପ୍ରେମ, ଦ୍ୱନ୍ଦ୍ୱ ଆଉ ଯୁକ୍ତିସିଦ୍ଧ ବୌଦ୍ଧିକ ଗଞ୍ଜଣା !

ମୋ ଅସ୍ତିତ୍ୱ ମୂଲ୍ୟହୀନ । ଦୃଶ୍ୟମାନ ଜଗତଟା ନାହିଁ ।
ଜୀବନ ଅର୍ଥରେ, କାଳ କେଉଁ ଏକ ଯାଦୁକର ଖେଳ ।
ପ୍ରସ୍ଥାନ ବା ପ୍ରବେଶରେ ଅଶ୍ରୁ ଅବା ଆଶ୍ୱାସନା ମିଛ ।
ପଥର ନିର୍ଦ୍ଦେଶ ମିଛ ଲକ୍ଷ୍ୟ ଏକ ଭ୍ରାନ୍ତିର ମଶାଲ ।।

ସତ୍ୟର ସନ୍ଧାନୀ ସାଜି, ଅଜ୍ଞେୟକୁ ନାନା ପ୍ରଶ୍ନେ ପଚ୍ଛି
ଲଭ କ'ଣ ଦେଇଁ ଦେଇଁ ଅଗଣିତ କୁଟୀଳ ବନ୍ଧନୀ
ଅସଂଖ୍ୟ ନେତିର । ଲେଢ଼ି ଅବଜ୍ଞାତ ଇତିର ବିଶ୍ରାମ
ଏବଂ ତା'ପୂର୍ବରୁ ଝୁଣ୍ଟି ବହିବାରେ ଫେରିବାର ଗ୍ଳାନି ।

Digitized by srujanika@gmail.com

ଅନ୍ଧାର ଘେରିଛି ଘେନ୍ତୁ, ଆଲୁଅର ଗଳାଚିପା ଯାଉ ।
ଗୋଟାକର ଅବସ୍ଥାନ ଆନଟିର ପ୍ରସ୍ଥାନରେ ଭଣି
ଆଙ୍କିଯାକେ ଯେତେ ଶୋକ, ସୁଖ ଆଉ ଯୋଜନା ତାହାର
ସମସ୍ତ ପାଶୋରି ଦେଇ ନିଆଯାଉ ପୃଥକ୍ ସରଣୀ ।

ଯିବାର ଦ୍ୟୋତନା ଯେତେ ଫେରିବାର ଯେତେକ ଲାଞ୍ଛନା
ମୁକ୍ତିର ଶିକୁଳି ଯେତେ, ଯୁକ୍ତିର ଯେତେ ବାତାୟନ
ସତ୍ୟକୁ ସ୍ୱୀକାର କରି ମିଥ୍ୟାଲାଗି ଯନ୍ତ୍ରଣା ଯେତେକ
ଜୀବନ ଫାଙ୍କିବା ଲାଗି ଯେତେ ଯେତେ ଦାର୍ଶନିକ ଜ୍ଞାନ
ସବୁଯାକ ପଣା ହେଉ ବିଶ୍ୱଗ୍ରାସୀ ଆଉଟା ଅନ୍ଧାରେ
ଖଦ୍ୟୋତ ! ମଲଣି ମନ୍ତୁ, ମୁଁ ମଧ୍ୟ ପ୍ରଲୀନ ହେବି
ସର୍ବଭୁକ୍ ଅମାର ଅଙ୍କରେ ।

ମୋତେ ମୁଁ ନିଃଶେଷ କଲି ବୋଲି ଭାବିଲା ପରେ ... ...
ଶିରରେ ଶିରରେ ମୋର ଚରିଗଲା ହିମ ପ୍ରସ୍ରବଣ
ରୁଦ୍ଧିହେଲା ଯନ୍ତ୍ରଣାରେ ଇନ୍ଦ୍ରିୟର ସ୍ୱୈରାଗ୍ନିର ରୀତି
ମନେ ହେଲା ସେ ଯନ୍ତ୍ରଣା ବଞ୍ଚିବାଠୁଁ ଆହୁରି କରୁଣ
ଜଣାଗଲା ପରିଷ୍କାର'
ଜୀବନଟା ମାନିଥିଲା ଭୁଲ ଏକ ସ୍ମରଣ ପଦ୍ଧତି ।

ମୁଁ ଚହୁଁ ଚିହ୍ନାର କଲି-ସ୍ୱରହୀନ ପାତାଳ ଗାମ୍ଭୀର୍ଯ୍ୟେ-ଅପୂର୍ବ ମୋ ଯନ୍ତ୍ରଣା ଫଟାଇ-
"ସତ୍ୟଯଦି ହେ ଦ୍ୱିତୀୟ ତୁମ୍ଭଅସ୍ତିତ୍ୱ, ଏବଂ ଯଦି ଗ୍ରହୁଁଥାଅ ପୁନଃଛିତି ମୋର,
ଯଦି ଭାବୁଥାଅ ମୋତେ ବାରମ୍ବାର ବ୍ୟଥାରେ ପ୍ରହାରି ଜନ୍ମ ଆଉ ମୃତ୍ୟୁର ତୋରଣେ
ପରୋକ୍ଷେ ରହିବ ସ୍ୱୟଂ; ଏଇ ମୋ ଘୋଷଣା—ଜିଣିବି ମୁଁ ତୁମ ଷଡ଼ଚକ୍ର
ଯଦି ତୁମେ ଗଢିଥାଅ ବୁଦ୍ଧିମାନ ଅନ୍ୟ କେଉଁ ମାୟା ମିଥ୍ୟା ଯନ୍ତ୍ରଣାର ବେଢ଼ୀ
ଆହୁରି ଚତୁରୀ ଦେଇ ମୋ ସମଗ୍ର ଅଭିଜ୍ଞତାଠାରୁ, ମାଗୁଛି ବି ସେଇ ଶେଷ ଶର
ବିଦ୍ଧ କର ମୋ ଆମ୍ଭାର ଉପାଦାନ ପରେ; ମୁକ୍ତି ଆଗୁ, ବିଜୟର ଆଗୁ ।"—

Digitized by srujanika@gmail.com

ଶପଥ ଧ୍ୱନିରେ ମୋର ବିହାୟସ ଅବସନ୍ନ ହେଲ
ଅଖଣ୍ଡ ବିଦ୍ୟୁତ୍ ଧାର ନତ ହେଇ ଭୂମି ସ୍ପର୍ଶ ମାଗି
ସମାଧି ମୋ ଦୀର୍ଣ୍ଣ ହେଲ । ଉଠିଲି ମୁଁ ଜାଗି
ଆଲୋକର ସ୍ତମ୍ଭ ଧରି, ଅନୁଭୂତି ଅପସରି ଗଲ !

... ...

ଘୁଞ୍ଚି ଘୁଞ୍ଚି ଗଲ ଏକ ପରଳ ପରଦା ”

ଅସଂଖ୍ୟ ଜୀବନ ପରେ ଝୁଲୁଥିଲ ନାଲି ଛକମାନ ।
ଫସିଲ୍‌ର ପଞ୍ଜରିରେ ତପ୍ତ କେତେ ଏକଦାର ଲହୁ
ମାଗୁଥିଲେ ଥାନଟିକେ ମଣିଷର ଭ୍ରମ ତାଲିକାରେ ।
ରୁଦ୍ର କେତେ ଗଜତ୍ୱବି ଝୁଲୁଥିଲେ ଇତିହାସ ହେଇ
ସାଲ ମାସ ତାରିଖରେ କଣ୍ଢା ଅଣ୍ଢା କାଳ-ଫଳକରେ ।”

—ଏ ସବୁର ଅର୍ଥ ନାହିଁ ?
—ନାହିଁ ।—
—ଏ ଦୁଇ ନୟନ ମିଛ !
—ତୃତୀୟ ନୟନ,
ସହସ୍ର ନୟନ ବରଂ ।—

ଅନ୍ଧାରଟା କହୁଥିଲ କି ନିଗଟ ! କି କର୍କଶ ! ସତ୍ୟ ।
—ପରିଦୃଶ୍ୟମାନ ଏଇ ଜଗତଟା ମିଛ ।
ଆଖିର ସାକ୍ଷ୍ୟରେ ଉଚ୍ଚି ଗୋଲପ, ବାସର,
ରଣ, ତର୍କ, ଗୃହ, ଜାତି, ଦେଶର ଆଗ୍ରହ ...
ଅନନ୍ତ ଆବେଶ ମିଛ । ମୂଲ୍ୟହୀନ । ଭୁଲ୍

ନିଭି ନିଭି ଗଲ ଅତୀତଟିଏ ।

ଅନ୍ଧକାର

ହଜି ହଜି ଗଲ ଆଗର ଗହା ।

ଅନ୍ଧକାର

ଲସି ଲସି ଗଲ ବର୍ତ୍ତମାନ ।

ଅନ୍ଧକାର

Digitized by srujanika@gmail.com

ମତେ ମୁଁ ନିଃଶେଷ କଲି, ତଥାପିତ ଶେଷ ହେଲି ନାହିଁ ।
ଶେଷର ଆରମ୍ଭ କାହିଁ ? ଆରମ୍ଭର ଶେଷ ତେବେ କାହିଁ ?

ଶସ୍ତ୍ରରେ ତୁ'ତ ଛିଡ଼ିବୁ ନାହିଁରେ
ବହ୍ନିଭସରେ ପୋଡ଼ିବୁ ନାହିଁ ।
ଅର୍ଣ୍ଣବେ କେବେ ବୁଡ଼ିବୁ ନାହିଁ କି
ବାୟୁର ବକ୍ଷେ ଉଡ଼ିବୁ ନାହିଁ ।।

କଙ୍କାଳଟିଏ ପଡ଼ିଲା ଖସି ।
ଅନ୍ଧକାର
ନାମର ଗରିମା ଉଜୁଡ଼ି ଗଲା ।
ଅନ୍ଧକାର
ଜାତି, କୂଳ, ଶୀଳ ହୋଇଲା ହୁଡ଼ ।
ଅନ୍ଧକାର

ତଥାପି ତ ମୋର ମନେ ପଡ଼େ ସେଇ ମାଟିର ମାୟା
ମନେପଡ଼େ ଆହା ଆଖିର ଲୁହରେ ପୀରତି ରସ
ମନେପଡ଼େ ସେଇ ମଉଳା ଫୁଲର ବାଉଳା ହସ ... ...
—ହେଇ ଗୁହାଁ ସେଇ ପଥ ଉପରେ ଥରୁଛି ତୋହର ମନର ଛାୟା
ଅର୍ଥହୀନ
ଅଶରୀରି, ତୋ'ର ବିଶ୍ୱ ବିପୁଳ ଅନ୍ତର କିଆଁ ହେବରେ ହୀନ !
—ସ୍ମୃତିର କୁହେଳି ଉଡ଼େଇ ଦେଏରେ ମନସ୍ତୁ ମଇଳା ଛଡ଼େଇ ଦେ'

ଜୀବନ ଭଉଁରୀ କାଉଁରୀ ଖେଳରେ
ମନର କାଉଁରୀ ମମତା ମେଳରେ
ମରମୀ ମମତା ଗଢ଼େଇ ଦେ'—
ମାଟିର ଆଶର ଉଡ଼େଇ ଦେ'—

ଅନେକ ରାଗିଣୀ ହସି ଉଠିଲେ । ସେ ହସ ଝଡ଼ର ।
ଫୁଲର ରେଷଣୀ ଜଳି ଉଠିଲା ।
ସେ ନିଆଁ ମଦନର ।
ମଦନରସ୍ତର ।

Digitized by srujanika@gmail.com

ଅନ୍ଧାରର କାନ୍ଥରେ ପୋଡା ଫୁଲର ମହକ ଚରିଯାଉଚି
ଗୁଡ଼େ ଗଗିଣୀ, ମୁହଁରେ ହସର ଟାପର,ଅଙ୍କର ସିଡ଼ିଣ୍ଟ ଗଡ଼ି ପଡୁଚନ୍ତି
ଅଙ୍କ ସବୁ ହଜି ଯାଉଛି ଅନ୍ଧାର ଆତଙ୍କୁ ।
ସୁର୍ ସବୁ ତରଳି ଯାଉଚି ଅନ୍ଧାର ହୋଇ
ନିଆଁ ସବୁ ଶିଖାହୀନ ବୁନ୍ଦାଏ ବୁନ୍ଦାଏ ଆଖି
ଲୁହରେ ଜୁକୁ ଜୁକୁ !

ଅନେକ ଶିଶୁ ମୁଁ ଯେ ଅନେକ ମାଗେ
ସୂର୍ଯ୍ୟଟିଏ ଜାଳି କେ ଅଛ ଆରେ !
ଜୀବନ-ଲେଉ ମୁଁ ରେ ରଙ୍ଗ ମାରେ
କେ ଅଛ ଦିଅ ହସ-ଅଳତା ଗାରେ
ସ୍ୱରର ୪ଦଟିକେ କମାଅ ସାଥୀ
ନିଥର ନିଶୂନ ଏ ପ୍ରଳୟ ରଚି
କେହିବି ନାହିଁ ଆରେ ! ନଇଁଲି ନିଆଁଶାରେ
ସୃଷ୍ଟି ପିଆସାରେ ବେଦନା ଭରେ
କଅଁଳ କାମନାର ଗଗିଣୀଟିଏ ଜାଗୁ
ସହିବାଲାଗି ମୋର ପୀଡ଼ନ ବାରେ !

(ନେପଥ୍ୟରେ ତଥାପି ହସର ନହବତ୍... ... ...)

ସାଗରେ ଖସି, ଖୋଜି ବେନାମୀ ଭୂମି ବନ୍ଧା ବାଟବୁଲି ବନ୍ଦରର
ବୁଲିଲି ଜଳ ଆଉ ଜଳରେ ଖେଳି ବୁଦ୍ଧ ମଣି ମୋର ସନ୍ଧଘର
ବୁଲିଲି ଯାହାନେଇ ଯୁଗରୁ ଯୁଗ କାଳର କଷଟିରେ କଷିବା ଲାଗି
ଅତଳ ଅମା ତଳେ ବୁଡ଼ୁଚି ତେଣୁ ପ୍ରଜ୍ଞାଲରେ ଯେଣୁ ହୋଇଚି ଭଗ୍ନୀ
ଅସ୍ତଗତ ଆମ୍ଭମାନେ ଜୀବନ ଜୀବନଧରି କହି, ଲେଖି ଶୁଣିଗଲେ ଯାହା
ଏ ଶୂନ୍ୟ ନିଶୂନ ନୁହେଁ; ମୁଖରିତ 'ଆହା'ର ଆଘାରେ ।

(ଅଜ୍ଞେୟ ତ ହେଲନାହିଁ ସାହା !)

ଆକାଶର ସ୍ୱଗତୋକ୍ତି ସାଗର ସମ୍ବାଦ, ଭୂମିର ବେକାର ଯେତେ ଭୂତ ପଦଧ୍ୱନି
ସେ ସବୁର ବିରତି କି ଥାଏ ଥାଏ ମୃତ୍ୟୁର ତୋରଣେ !
ବହୁବାର ମରି, ଜିଇ ପଞ୍ଝାରେ ଲଝାଳି ଦିଏ ଏ ସାଗରବୁଡ଼ର କାହାଣୀ
ବିବାହ ବେଦୀରେ ପୁଣି ବାରମ୍ବାର ବନ୍ଦୀହୁଏ ଆସି

(ଏ ଜୀବନ ବହୁ ପରିଣୀତ)

Digitized by srujanika@gmail.com

ବାରମ୍ବାର ଖୋଜେ ମିଳେ, ଥମିଯାଏ ପୁଣି

ଆୟୁଷ୍ମାନ ମୃତ୍ୟୁର କୋଳରେ

(ଏ ଜୀବନ ବହୁ ପରିଣତ । ବୋଧହୁଏ ପରିଣତି ଚ୍ୟୁତ)

ଛଅର୍‌ରେ ଜମୁଥାଏ ପ୍ରବେଶ ଓ ପ୍ରସ୍ଥାନର ଗାଥା

ତରଙ୍ଗରେ ଭସୁଥାଏ ବୁଦ୍‌ବୁଦ ଏ ଜୀବନର ବେଦ

ପ୍ରଳୟ– ପୟୋଧି ଜଳେ ବଟବୃକ୍ଷ କେତେ ଅତଳ ନାଭିର ଗର୍ଭେ

ପୋତୁଥା'ନ୍ତି ଆମ୍ଭ ପରିଚୟ ।

ବଞ୍ଚିବାଟା କି କରୁଣ, ମରଣର ସ୍ୱୀକାରୋକ୍ତି ଯଦି !
ଆଲୋକ କି ଦୟନୀୟ ଯଦି ତାହା ଅମାର କରୁଣା !

'ମୃତ୍ୟୁବିନା ବ୍ରହ୍ମବେଦୀ ହୋଇହେବନାହିଁ' ଏ ଆଶ୍ୱାସ କେତେ ତୀବ୍ରତର !

ବଞ୍ଚିବାକୁ ବାହାରିଲେ ମୃତ୍ୟୁଶଯ୍ୟା ସେପାରିର ଅଙ୍କସବୁ ପୋଛି ହୋଇ ଯାଏ

ଆରମ୍ଭରେ ଶେଷ ହୋଇ ଆରମ୍ଭକୁ ଫେରିବା ବାଟରେ ସେ'ତ ଆଉ ମିଳେନା,

ମିଳେନା ।

ସନ୍ଧାନର ଇତିବୃତ୍ତ ଜମି ଜମି ଜମି ଜମି ଆସେ

ପ୍ରାପ୍ତିର ଆଶାରେ ଝର୍କି ଆଶାର ପକ୍ଷରେ ଝୁଲି

ପକ୍ଷର ମାଡ଼ରେ ଝଡ଼ି ଖସି ଖସି ପଡ଼ିବାର ବ୍ୟଥା

ଗତିର ପ୍ରହାରେ ଜରେ

'ଚରୈବେତି' ଚରୈବେତି' –ସ୍ୱରଣର କ୍ଳାନ୍ତିରେ ଗୁମୁରେ ।

(ପ୍ରଗତିର ଏ ଅଭିଶାପ ପୋଛି ହୁଅନ୍ତାକି,ସ୍ୱରଣର ପରିଚୟପତ୍ର ଟିକି ଟିକି ଛିଡ଼ି

ପଡ଼ନ୍ତାନି କି?)

ଏକଯଦି ସତ୍ୟହୁଏ ଏ ବିକ୍ଷେପନର ପ୍ରହସନ ପରିହାର କରୁ

ସହାରକରୁ ଏ ସମବେତ ଗତିର ବହୁ ଆବିଷ୍ଟ ସ୍ୱର୍ଗକୁ

ସବୃତ ହେଉ ସମାବିଷ୍ଟ ହେଉ ।

Digitized by srujanika@gmail.com

ନତୁ

ଆମେ ଯେତେ 'ମୁଁ' ଦଳ—ମରି ଆଉ ଜୀଇ
ଅନନ୍ତ ଶୂନ୍ୟତା ଧରି ଲେଖି ଓ ନିଭାଇ
ଆମ ହସ, ଖେଳ, କାନ୍ଦ, ଜନ୍ମ ଆଉ ମୃତ୍ୟୁର ସମ୍ବାଦ
ଗ୍ଭଲୁଥିବୁ ଯୁଗ ଯୁଗ ପାରି ହୋଇ ନିମେଷ ନିମେଷ ।

'ଚରୈବେତି' ଚରୈବେତି' ଚରନ୍ ମଧୁବିନ୍ଦତି'
ଏ ମନ୍ତ୍ରରେ ନଦୀ ଆମର ଛନ୍ଦ
ସୂର୍ଯ୍ୟ ଆମର ଦେବତା
ଆଉ ଅନାଦି, ଅନନ୍ତ, ଭଗବାନ ମହାକାଳ ଆମର ହୋମ ବହ୍ନି ।

*

Digitized by srujanika@gmail.com

॥ ଶୂନ୍‌ ॥

ଆଖି ଯୋଡ଼ିକ,
ହରିଣୀ,
ନାଚି ଯାଉଚି ବସ୍ତୁରୁ ଭୂମାକୁ ॥

ଆକାଶ କହେ :
ନୀଳ ଗହୀରରେ ଝାସ ଦେ' ।
ବିହଙ୍ଗରେ କେତେ ଦୁଃଖ,
ପବନ ଛଡ଼େଇ ନିଏ ॥

ବର୍ଷା ଏକ ଅବୁଝା ଆତ୍ମା,
ବିମର୍ଷ ଅତର, କହେ :
ଦିଗ ନାହିଁ : ଦର୍ଶନ ନାହିଁ : ନିଶୂନ୍‌ ।

ନଥିପତ୍ରର ଅଙ୍କରେ ଶୂନ୍ୟତା !
(ଆଃ କି ଫାଁକି)
କିନ୍ତୁ ମୋ ଘରର ଶୂନ୍ୟତା !

Digitized by srujanika@gmail.com

... ...ଆଗାମୀ ଅତୀତଟିଏ ମୋରି ଆଡ଼େ ...
ତଥାପି ମୋ ମନର ଶୂନ୍ୟତା
ଛାୟାକ୍ରାନ୍ତ ଗୋଧୂଳି ପରି ।। ବିଧୁର'
ନିଃସଙ୍ଗ ।

ଆଖି ଯୋଡ଼ିକ
ଖଡ଼ି,
ଗଡ଼ି ଯାଉଛି ଶୂନ୍ୟରୁ ଶୂନ୍ୟକୁ ।।
ଅନେକ ତଗ ପାରିହେଇ
ସେ ଆଖି ଶିଶୁର ।

*

Digitized by srujanika@gmail.com

।। ରଞ୍ଜନ ରଶ୍ମି ।।

୧–ସଙ୍କୁଚିତ ବାଲିଚର, ତିଖେ ତିଖେ କେଉଁଗଛ ଡାଳ
ପେଟପୂରା ଜଗୁଆଳ-ହାଡଛାଡ଼ି ତଳକୁ ଗ୍ରହିଁଲେ
ମଥାରେ ବାବୁରୀବାଳ, ପାଉଁଶିଆ ଗହିରିଆ ଆଖି
ଯେମିତି ଏ ଶୂନ୍ୟ ତା'ର ବହୁଦିନୁ ରହିଲେଣି ସାକ୍ଷୀ ।

କିଛି ହେଲେ ନୂଆ ନାହିଁ, ତଳେ ଦୂର ଏଣ୍ଡୁଅ ସଂସାର
ଗୃହକର୍ତ୍ତା ଗମ୍ଭୀର, ଉଦାସ, ପିଲଙ୍କର ଧୂଳି ଖେଳ ନିତି...
ଏ ସବୁରେ ନୂଆ ନାହିଁ କାହିଁ ! ପିଲଙ୍କର ପଟର କଟାବି
ଯନ୍ତ୍ରଣା ଦେଉନି ଆଉ, ଯେମିତି ସେ ଏଠାର ମୁରବୀ ।

ଦୂରରୁ ଶାଗୁଣାଟାଏ ଅଣ୍ଡଟାରୁ ଶବଗନ୍ଧ ପୋଛି
ଭଦ୍ର ହେବା ଲାଗି ଆସି ଝୁପ୍‌କିନା ବସିଗଲା ବେଳେ
ବାହୁଙ୍ଗାଟା ନଇଁଗଲା...ଏଥିରେ ବି ନୂଆ ନାହିଁ ଆଦୌ !
ବିସ୍ତର ସ୍ଥବିର ଦେହ ଜୀବନକୁ ବାଣ୍ଟିଦେଲେ ରାହା ।

'ଦାର୍ଶନିକ ଡାଳଗଛ ଦୂରନ୍ତରୁ ଖବର ମିଳିଛି
ତମର ଏ ବାଲି ସାଥେ ସ୍ଥନା କିଛି ଟୁନା ହେଉ ଅଛି
ଖୋଜିବାର ଅନୁମତି...ଏଥିରେ ବି କିଛି ନୂଆ ନାହିଁ
ବୈରାଗୀ ଧୂସର ଦୃଷ୍ଟି ଡାଳଗଛେ ହେଲେ ସାଇଁ ସାଇଁ ।

Digitized by srujanika@gmail.com

ସେପାଖ ଗାଆଁରୁ ଛୁଟି ଅପରାଧୀ ତମ ବଛାଟିଏ
ନିଦ୍ରିତ ଶିଶୁର କଣ୍ଠେ ବେଶ୍ କିଛି ଗରଳ ଓକାଳି–
ମଧ୍ୟ ଏକ ଝଡ଼ ରାତ୍ରେ ମାଗିଥିଲା ଅସ୍ଥାୟୀ ଆଶ୍ରୟ ।
ଅସଂଖ୍ୟ ଏଣ୍ଡୁଅ ଗିଳି ସିଏ ମଧ୍ୟ ବୁଢ଼ା ହେଲା ପ୍ରାୟ !

୨–ସଙ୍କୁଚିତ ବାଲିଚର । ସଂକୋଚର ନାମଗନ୍ଧ ନାହିଁ ।
ନାହିଁ କେଉଁ ଦୁବ ଅବା ଚୋପାଙ୍କର କାରୁଣ୍ୟ-ଖୋରାକି
ତଥାପି ଏ ବାଲି ଯେବେ ତାତି ତାତି ପାଣି ଫାଟିଯାଏ
ତମେ କି ଦେଖିଛ ତହିଁ ଆକାଶର ଅତଳ ତରଟି !
(ସୂର୍ଯ୍ୟରେ ଯେ ତୁବେ ନାହିଁ, ନୀଳରେ ବି ଗୋଳି ହୁଏ ନାହିଁ
ମେଘରେ ମଉଳେ ନାହିଁ, ଜୋଛନାରେ ଢାଳି ହୁଏ ନାହିଁ ।)

ସେଇତକ ସାନ୍ତ୍ୱନା ଯା ପ୍ରେତପୁରୀ ପ୍ରହରୀ ଦଳର

ଯାହା ଦୃଶ୍ୟାତୀତ, ଯାହା ଯୁକ୍ତିହୀନ ପରାମର୍ଶ ମାତ୍ର
ଅବିଶ୍ୱାସ୍ୟ ସତ୍ୟ ଯାହା ତୁନି ପଡ଼େ ଶୀତଳର ପିଠି ଆପୁଡ଼ାରେ
ପ୍ରତ୍ୟେକ ସୂର୍ଯ୍ୟର ପଣେ ଅନ୍ତରାଳେ ଉଏଁ ଅସ୍ତଯାଏ
ଆରର ଦୃଷ୍ଟି ଓ ସୃଷ୍ଟି ଯା'ର ଟିକେ ଛାଇ ନାହିଁ ଧରେ ।
ସେଇ ସବୁ ବିବର୍ତ୍ତନ ଏ ଦର୍ପଣେ ଫୁଟିପାରେ ବୋଲି
ବିକ୍ଷୁବ୍ଧ ଜୀବନ ପାଇଁ ତାଳପତ୍ରମାନେ ତନୁରେଖା
ଦେଇଥା'ନ୍ତି ଖୋଲି,

Digitized by srujanika@gmail.com

ତମେ ଏକ ବ୍ୟାଙ୍ଗ ମାତ୍ର । ସେ ତନୁରେ ସ୍ୱପ୍ନ ନାହିଁ ଆଉ
ଏଣ୍ଡୁଅର ଶିଶୁପରି ଶାନ୍ତିପାଥ ପତ୍ରକଣା କରି
ଭଦ୍ରସାଙ୍କ ଦାର୍ଶନିକ ଦୂରତାରୁ ତାଳଗଛେ ବସିବାକୁ ପାଇ
ପ୍ରକୃତିକୁ କ୍ଷୁଣ୍ଣକର ବାରମାର ବିକଳ ସନ୍ଧାନେ
ଶରଳେ ଭରାଇ ଧର ଫେଗରୀର ଅନ୍ଧକୂପ ପାଥ
କେବଳ ଏ ତାଳଗଛେ ସେ ତନୁର ସ୍ୱପ୍ନ ନାହିଁ ବୋଲି ।

ସେ ଦୃଷ୍ଟିରେ ଅନ୍ୟଛାୟା । ସେ ସ୍ମୃତିରେ ଆରେକ ଗୋଲକ ।
ସେ ତୁମର ପରୋକ୍ଷର, ନେପଥ୍ୟର ନିରୁତ୍ତର ସାକ୍ଷ୍ୟ ।
ସେ ଦୃଷ୍ଟିରେ ନଗ୍ନହୁଅ, ହେ ସୁନ୍ଦରୀ, ନଗ୍ନହୁଅ ଥରେ ।

★

Digitized by srujanika@gmail.com

॥ ପ୍ରଳୟ ॥

ପୁଙ୍କାଏ ପେନ୍‌ସିଲ୍ ଚୂର ...
ଯେଉଁଥିରୁ ଜନ୍ମିଥାନ୍ତେ :
ଗୋଟିଏ ରୂପସୀ ମୁହଁ
ଆକାଶର ମେଘ କିଛି
କେତେ ଗୋଟା ଝାଉଁ
ଅବା ପକେଟ୍‌ମାରଟିଏ (ଆହା ! ବିଚରଟି !)

ଟିପାଏ ଟେବୁଲ୍ ମାଡ଼ି ରୁଣ୍ଡ ହେଲେ ଆସି
ପ୍ରସ୍ତାବନା, ବନ୍ଧ୍ୟଚଞ୍ଚୁ, ତଥାପି ଅଚଳ !

କଥାର ହାବେଳୀ ମୋର ଝରିପଡ଼ି ଥାଁ'ତା—
ଇତିହାସ, ପୋଥିହୋଇ
ପୋଥି, ଇତିହାସ;
ଭଗବାନ (ମୁଁ) ଗଢ଼ିଥାଁତି—
ଜଡ଼ ତ ଅକ୍ଷୟ !—
ଲଢ଼ିଥାଁତି ପାତାଳେ, ବିତାଳେ ।

Digitized by srujanika@gmail.com

ପେନ୍‌ସିଲ୍ ମୂନରେ ମୋ'ର
ଝୁଲୁଥିା'ତା ନାଗାସାକୀ ।
କଙ୍କୋର ସମୀକ୍ଷା ;
ଡେଇଁଥିାଡେ
ବୁଢ଼ୀଆଣୀ ଜାଲର ଅକ୍ଷାଂଶେ

ଅନେକ ବେତାଳ ତାନ୍
ଫସଲର ଜଙ୍ଗଲରେ ପଙ୍ଗପାଳ ବୁଣି ;
ପ୍ରସ୍ତାବନା, ବନ୍ଧ୍ୟ ଚଞ୍ଚୁ,
ତଥା–ପି ଅଚଳ !!
ପେନସିଲ୍ ଗୁଣ୍ଡକର
ଆମ୍ଭାର ସଦ୍‌ଗତି ହେଉ !

*

Digitized by srujanika@gmail.com

।। ଏକ ଉପକଥାର ସତ୍ୟ ।।

ପ୍ରଜାପତିଟିଏ
ସାପଟିଏ
ଗୋଟେ ଜଳନ୍ତା
ଧୂପକାଠି
ଆଉ ଗୋଟେ ସମୁଦ୍ର
ପଥର ପାଲଟି ଯାଇଥିଲେ
ନୀଳ ନୀଳ ବସନ୍ତର ଚଟାଣ

ମୋ' ଛାତିରେ ।।
ଦିନେ ରତିରେ
ମଜୁଆ ଝଡ଼ଟା ସାଥିରେ ଦେଖା
ଦିହ ତମାମ୍ ତା'ର ଛିଡ଼ା ଫୁଲର ପାଖୁଡ଼ା
ଘିଗ ବିଦ୍ୟୁତ୍ ପରି ଇନ୍ଦ୍ରଧନୁର ବେଢ଼ାଣ
ସେ ପାଖୁଡ଼ାରେ
ମୁଁ କେମିତି ଗାରି ହୋଇଗଲି ।

Digitized by srujanika@gmail.com

ସାପଟିକି ସେ ମାରିନେଲ ମୋ' ଠାରୁ
ଆଉ ପାଖୁଡ଼ାଯାକ ସବୁ ଚଟେଇ ଚଟେଇ
ଗରଳ ଯାହାଥିଲା ତା' ଠେଇଁ
ଦେଲା ପିଇ ॥

ଅସ୍ତ ବଳୟ କଡ଼େ କଡ଼େ
ସହରର କଳା କଳା ଦାନ୍ତର ସିଲ୍‌ହୁଟ୍

ତା' ଉପରେ ରକ୍ତାରକ୍ତ ଚକଡ଼ାଏ ମେଘ
ମୋ ସମୁଦ୍ରକୁ ଢ଼ାଙ୍କିହୋଇ ପଡ଼ିଲା
ଥୋପା ଥୋପା କାକର ପରି ରକ୍ତ
(ଜହ୍ନର ବହପ କେତେ ଶୋଷିବ !)

ଘାସର ମାଇଲ୍ ମାଇଲ୍ ଆକାଂକ୍ଷା ଡୁବେଇ ଦେଇଗଲେ
ଜଳନ୍ତା ଧୂପକାଠିଟାକୁ କି ଭରସାରେ କେଜାଣି
ସେଇ ମଗ୍ନ ଚଗଲୁଇଁ ଉପରେ ପୋତିଦେଇ
ଗଡିର ଲେମଶ ମୁଠା ଭିତରୁ

ମୁଁ ବି ତରଳି ଲଗିଲି
ଟପ୍ ଟପ୍
ଟପ୍
ଟପ୍

(ମୋ ସ୍ବଚାର ସ୍ନେହଦୀ ମିଳେଇ ଯିବା ଆଗରୁ)
ବେହୋସ୍ ନିଃସଙ୍ଗ ପ୍ରଜାପତିଟିକୁ
ପିଆଇ ଗଲି ଘୁମଟ ପରେ ଘୁମଟ
ଅବଶିଷ୍ଟ ଯେତେକ ସମୁଦ୍ର ମୋ ଶିରର
ଅବଶିଷ୍ଟ ଯେତେକ ବସନ୍ତ
ମୋ' ଛାତିର ।

●

Digitized by srujanika@gmail.com

ମୁଦ୍ରା ଯନ୍ତ୍ରର ବିକଟାଳ ଯନ୍ତ୍ରଣା ଭିତରୁ ଜନ୍ମ ନେଉଛି
ପାହାଁତାର ସମ୍ବାଦପତ୍ର

ଦୁଃସ୍ୱପ୍ନ ପରି ତିଖା ଛାତିରେ ତା'ର ଖଣ୍ଡା ଗୁଳିଚି :
'ସାପକୁ ହତ୍ୟା କରି ଦୁର୍ଦ୍ଧର୍ଷ ଝଡ଼ଟାଏ ଫେରାର'...

ଏବଂ ଅନ୍ୟତ୍ର 'ପଳାୟମାନ ଝଡ଼ ବାଜି ନଦୀ ଗର୍ଭରେ
ରେଳବୋଝାଇ ଶବ'... ..

●

ଫାଙ୍କା ପୃଥିବୀ
(ଯା'ର ଶେଷ ସମ୍ବାଦ ହୁଅଁତା କି
ହକାପଟିର ହୋସ୍ ଫେରି ଆସିଚି)

ଆଢ଼େ ଗୁହିଁ ଗୁହିଁ
ମୁଁ ଡରକୁଚି
ଚରକୁଚି ଅନ୍ଧାରର ଗଳିତ ମୁଠାରୁ ।।

★

Digitized by srujanika@gmail.com

।। ଏଥର ଆକାଶ ପାଇଁ ।।

ଧ୍ୱନି ରେଖା ଲେଖାର ଆକାଶ ଅନେକ ଛବିଳ ।।

ଆକାଶକୁ ଗ୍ରହି ଗ୍ରହି
ମୁଁ ଖାଲି କବିତା ଲେଖେ ଖାଲି କବିତାଇ;
ତମେ ତହିଁ ମାପିବସ ନିଜକୁ, ଅଗତ୍ୟା :
ବର୍ଷା ଅବା ବସନ୍ତ ଆକାଶ–ଅନୁପମ, ଏକ୍‌ସ୍ତୁର, କ୍ଲାନ୍ତ ।
ତମେ କିନ୍ତୁ କବିତାକୁ ଛବି ବୋଲି କହ, ଆଉ
ଛବିକୁ ରଗିଣୀ
ଅନୁରଗିଣୀ ମ ! ତଥାପି ମୁଁ ଲେଖିଗ୍ଲଛେ; ତଥାପି କବିତା ....

ଭୁଲ ଭଙ୍ଗା ଇଙ୍ଘା ଏକ-ଶୁନ୍‌ଶାନ୍ ଦି'ପହର ଦରିଆରେ
ମୁଁ କିଆଁ ତରଙ୍ଗ ମାପେ–ଶବ୍ଦ
ଧ୍ୱନିମାନ, ଅର୍ଥବାନ ଶବ୍ଦର ସ୍ନିଗ୍ଧତା : ଅର୍ଥ
ଧ୍ୱନିର ତରଙ୍ଗ ! ଏ କଥା ତମେ କି ବୁଝ ?
ତମକୁ ପାରେଇ ଗଲେ, ତମେ ଭବ,

ଅବଶିଷ୍ଟ ଭବ ପ୍ରବଣତା, ନିରର୍ଥକ ରଙ୍ଗ-କସରତ୍ ।
ତମ ପାଇଁ, ଆକାଶେ ଅନେଇ, ଯେ କବିତା
ଅବୋଧ ନିର୍ବୋଧ କିଛି ତୋଷାମୋଦି ପାଏ !!

Digitized by srujanika@gmail.com

ଆଜି ମୁଁ ଭାବୁଛି ଯା' ଲେଖିଚି ଅପରିଣତତ୍ୱ ନେଇ
(ପରିଣତି କା'ର ବା ଅଛି ?)
କେତେକାଂଶ ତା'ରି ଦୁର୍ବଳତା ଆଉ ବାକିଟା ଉଚ୍ଛ୍ୱାସ;
(କିଛି କିଛି ଭଙ୍ଗ ଧ୍ୱନି ଶବ୍ଦର ଶିଳ୍ପତା ଅବଶ୍ୟ ରହିଛି)
ତେଣୁ ଏଥର ଆକାଶ ପାଇଁ, ତମକୁ ଅନେଇ ଏକ ଲେଖା—
ନୂତନ କବିତା; ଧ୍ୱନି : ଭଙ୍ଗ : ଶବ୍ଦର ସମୀକ୍ଷା ।।

—ଏକ—

ଯେତେବାର ତମକୁ ଛୁଇଁଚି
ମୋର କଲମ, ପାଇଚି : ଆଦିମ ଅବୋଧ୍ୟ ଅନ୍ଧକାର
କୋମଳ କରୁଣ କ୍ଲାନ୍ତ ଝଡ଼ଭିଜା ପେଚିନୀ ପକ୍ଷର
ଥୋଡ଼ା ଥୋଡ଼ା ଅଭିଶାପ, ଭୟ; କ୍ଷତଲେଖା
ରକ୍ତମଖା ଆଗାମି ଲକ୍ଷ୍ୟର ଶବ ।

ତମକୁ ଶୁଣିଚି : ଶଙ୍ଖ ଧ୍ୱନି; କେକାକଣ୍ଠ—
ଦୁର୍ନିବାର ଜନ୍ମ; କାମନାର ।

ତମଠିଁ ପାଇଚି :
ବାରମ୍ବାର ପ୍ରସାଧନ-ଗନ୍ଧ
ଇଚି, ଶାନ୍ତି; ମୃତ୍ୟୁପରେ ସନାତନୀ ସାଗ୍ନିକା କ୍ଷୁଧାର
(କେଡ଼େ ଅଗଭୀର ନୀଳ ଲେଲୀହାନ ତୁମର ଗରଳ !) ।।

ମୁଁ
ଆଗୋ ଶୋଭନେ, ଏକ ମନ୍ତ୍ରହୀନ, କ୍ରିୟାହୀନ, ଭକ୍ତିହୀନ
ତୃପ୍ତ ଅଜଗର ।।

Digitized by srujanika@gmail.com

—ଦୁଇ—

କିନ୍ତୁ ତୁମେ କିଆଁ ଏତେ ମ୍ଳାନ ?

କେବଳ ଦୁଃସ୍ୱପ୍ନ !

ତୁମଠାରୁ (ଏଠି ତୁମ ଛବି ଅଛି ବାସର ହସର),

ପ୍ରତ୍ୟାଖ୍ୟାନ ପରେ ତୁମେ ଏଡ଼ିକି ଦୁଃସମ !

ତୁମେ ବରଂ ହସ

ମୋହ ଜାଗୁ ପୁଣି ଥରେ ପ୍ରୀତ ଅନ୍ଧକାରେ

ଝଡ଼ିବାର ଫୁଲଫୁଟୁ

ତେଣା ପିଟୁ ବିଦାୟୀ ବସନ୍ତ ଆସି

ଅସ୍ତମାନ ଶରସୂର୍ଯ୍ୟ ରକ୍ତାକ୍ତ କୁଟୀରେ ।

ସ୍ଥବିର ତିମିର, ଭୀରୁ କାମୁକତା ଥାଉ । ତମେ ବସ ।

(ମରଣ ଯେ ଫେରିଯାଏ ! ବସନ୍ତ ଯେ ଫେରିଯାଏ !) କଥା କୁହ ହସ ।।

✶

Digitized by srujanika@gmail.com

॥ ପ୍ରଜାପତିଟି ॥

ପବନର ରୂପ ତୁମେ ଦେଖିଚ
ଦେଖିଚ ତା'ର ବର୍ଣ୍ଣମାନ ଦୁଇଟି ଡେଣା
ଆଉ ଯୋଡ଼ିଏ ଆଖିର ଆକାଶ ?

କଣ୍ଠରେ ତା'ର ଗୀତ ନାହିଁ ସିନା
ଡେଣାରେ ତା'ର ପ୍ରଚୁର ଚପଳତା
ଫୁଲ ପାଇଁ ସେ ପାଗଳ ।

ସକାଳର ସତେଜ ପତ୍ରଶୀର୍ଷରେ
ଯେତେବେଳେ ଲକ୍ଷ ଲକ୍ଷ ସୂର୍ଯ୍ୟର ବର୍ଣ୍ଣାଳୀ;
ପକ୍ଷୀର କାକଳୀ

ଯେତେବେଳେ ପ୍ରଥମ ଗାୟନର ପୂର୍ତ୍ତିରେ ଚଳମାନ;

ସଜ ଫୁଲରେ ଯେତେବେଳେ ଆଖିଏ ଆଖିଏ
ସମ୍ଭାବନାର ସ୍ୱପ୍ନ
ଲହଣ୍ଡା, ଛୋଟ ଛୋଟ ବଣବୁଦାର
ଦରଛିଡ଼ା ଅନ୍ଧାରରେ ଅଳସ ଘଁଗୁଥାଏ
ସେତିକି ବେଳେ
ଦେଖିଚ ଏ ଦେବଦୂତକୁ !

Digitized by srujanika@gmail.com

ସେ ଆକାଶରୁ ନୀଳ ଆଣେ, ଶୀତଳତା ଆଣେ
ନରମ କିରଣର ଉଷ୍ମ ପରଶ କିଛି ସେ
ବାଣ୍ଟି ବାଣ୍ଟି ଯାଉଥାଏ
ଫୁଲରୁ ଫୁଲକୁ ।
ଡେଣା ଯୋଡ଼ିକ ତା'ର ଝଲମଲ
ସେ ଆଶା ॥
ପାଦରେ ତା'ର ଅଶେଷ ପରାଗ–ରଜ
ସେ ତୀର୍ଥଙ୍କର ॥

ଆଖିରେ ତା'ର କି ନିଶା କି ନିଥାଁ
ସେଇ ଏକା ଜାଣେ !
ସବୁ ଫୁଲ ଗେଷଣିରେ ସେଇ ନିଥାଁର ଝୁଲ
କେଡ଼େ ନିରୀହ, ପ୍ରୀତ !

ଆଃ ! ସେଇ ପ୍ରଜାପତିଟି
ଏଇନେ ମରିଗଲା ॥

*

Digitized by srujanika@gmail.com

॥ ପୌନଃ ପୁନକ ॥

'ପାରଟିଏ ଉଡ଼ିଗଲ,' ତମେ କୁହ, 'ଉପର ଆଡ଼କୁ' ।
ତା'ଉପରେ ଉଡ଼ୁଛନ୍ତି ଚିଲ ଆଉ ମେଘ ଆଉ ତର
ତା' ଉପରେ ଯାହା ଆମେ ମାନିଗଲେ ସାଲିସରେ କାଲି
ତମେ କୁହ 'ପାରଉଡ଼େ ଛୁଇଁବାକୁ ସେଇସବୁ ପର !'

ତମେ ମୋତେ ଦେଖାଇଚ କାବ୍ୟପରି କାମିନୀ ଗତିରେ
ପ୍ରେମରେ ମିଶିବା ଲାଗି ବିପରୀତ ଦୁଇଟି ମନରେ
ଚ୍ଲିଚି ନିକଷ-କଷା ପରସ୍ପର ସ୍ତୁତିର ରୀତିରେ
ଚ୍ଲିଚି ହିସାବ-କଷା ଭୁଲ ବୁଝା କ୍ଷମାର ପଣରେ ।

ତର୍କର ମନ୍ଦିରେ ନେଇ ତମେ ମୋତେ ଗମ୍ଭୀର କରିଚ
ଅଦୃଷ୍ଟର ପ୍ରତୀତିରେ ଆଖିକୁ ବି ଫାଁକି ଦେବା ଲାଗି ।
ତାର୍କିକେ ତାରିଫ୍‌କରି ତମେ ମୋଠୁଁ ଦ୍ୱନ୍ଦ୍ୱ ବି ଗ୍ରହିଚ
ଅନଶ୍ୱର ସ୍ତର ଭେଦି ପ୍ରଜ୍ଞାପୀଠ ମାଡ଼ିଯିବା ଲାଗି ।

ତମେ ପୁଣି ଆଶାକର ବିଜ୍ଞାନର ଶେଷ ଶୃଙ୍ଗ ଜୟି
(ଧ୍ୱଂସକୁ ଚରମ କରି ବୈଜ୍ଞାନିକ ଅଭିଯାନ ସତ୍ତ୍ୱେ)
ମଣିଷର ଆବିଷ୍କାର ଦେବତ୍ୱର ପରାକାଷ୍ଠା ନେବ
କାଳକୁ ଅଟଳ କରି ମୃତ୍ୟୁହୀନ ସୃଜନୀର ତତ୍ତ୍ୱେ ।

Digitized by srujanika@gmail.com

ପାହାଡ଼ ଉହାଡ଼େ ରହି ରହସ୍ୟାର୍ଦ୍ର ଆକାଶକୁ ଗ୍ରହି
ସତ୍ୟସନ୍ଧ କେହି ଜଣେ ମାଜେ ବସି ଦିବ୍ୟ ଚକ୍ଷୁ ତା'ର
ତମେ କୁହ, ସେ ନୟନ ଏ ବିଶ୍ୱର ପିଷ୍ଟ ପ୍ରାଣ ପାଇଁ
ଦର୍ଶନେ ତା' ଫିଟାଇବ ଅନଭେଦ୍ୟ ' ଏକକ ' ର ଦ୍ୱାର ।

ଯାହା ଚିର, ଯାହା ଏକ, ବ୍ୟୁତଧର୍ମୀ ହୁଏନି ଯା' କେବେ
ନୀଳାକାଶ ସମ ଯାହା ଅପ୍ରମେୟ, ଅଶେଷ ଆଧାରେ
ଭୋଗେ,ଯୋଗେ,ତର୍କେ,ପ୍ରେମେ,ଧର୍ମାଦର୍ଶେ,ଦର୍ଶନେ,ବିଜ୍ଞାନେ
ଉଦ୍‌ବୁଦ୍ଧ କରିଛି ଯାହା, ଯୁଗେ, ଯୁଗେ, ମାନବ ଆତ୍ମାରେ–

ସେହି ଶିବ-ଶୀର୍ଷ ଛୁଇଁ ସନାତନୀ ' ଏକକ ' କୁ ଧରି
ଅଶାନ୍ତ ମଣିଷ ଦିନେ ବାହୁଡ଼ିବ–ଆଶାକର ତୁମେ ।
ମୃତ୍ୟୁରେ ମନ୍ଥର ନୋହି ପ୍ରଳୟରେ ପରିଶ୍ରାନ୍ତ ନୋହି
ମାନବ ଦେବତ୍ୱ ନେବ ସଙ୍କୁଚିତ ପ୍ରାଣ ପଟଭୂମେ ।

ମୁଁ ମାତର ନିରେଖୁଛି ତମର ଏ ଧାରଣା ଅଦିବ
ଏ କଳ୍ପନା ଅବାନ୍ତର, ଗ୍ରଲ୍ଲ ଆମେ ମାନିଯିବା ଏବେ
ଏକ ବୋଲି କିଛି ନାହିଁ ଦର୍ଶନ ବା ବିଜ୍ଞାନର ଶେଷେ ।
ପିଥାଜର ଗ୍ଲେପା ପରି ତାହା ଆମ ମନରେ ସମ୍ଭବେ ।

ସନ୍ଧାନର ଶେଷହୁଏ ନୂତନରେ ଆବିଷ୍କାର କରି ।
ଗତକୁ ବାତିଲ କରି ନବତନ ଅଭିଯାନଲଗି–
ଦୃଷ୍ଟିକୁ ସୀମିତ କରେ ଏକକର ଲକ୍ଷରେ ପ୍ରକ୍ଷେପି
ଯାହା ଏ ସନ୍ଧାନ ଠାରୁ ସତ୍ୟ ନୁହେଁ ଆମ ଯୁକ୍ତି ଲଗି ।

ମୁଁ ଦେଖୁଛି ଆମେ ସବୁ 'ନଅ' ଖାଲି ଦଳଦଳ ହୋଇ
ଦଶମିକ ବିନ୍ଦୁପରି ଶିରେ ଧରି ସୀମାର ତିଳକ
ଗ୍ଲଳିଚୁଁ ମିଶିବା ଲଗି କ୍ଷୁଦ୍ରତମ ଗୋଟିଏ ଏକରେ
ଗ୍ଲଳିଚୁଁ ଖୋଲିବା ଲଗି ଏକୀଭୂତ ସତ୍ୟର କୀଳକ ।

Digitized by srujanika@gmail.com

ସୃଷ୍ଟିର ସକାଳଠାରୁ ଆଜିଯାଏ ମଣି ଆଉ ଜିଇ
ନୂଆ ନୂଆ 'ନଅ' ଆସି ଟିକକୁ ଯା' ଇହସି ଯାଆନ୍ତି
ଟିକିଏ ରହୁଚି ବାକି—ବ୍ୟବଧାନ କମୁଚି ଅବଶ୍ୟ—
କ୍ଷୁଦ୍ରତମ ହେଉପଛେ ଯା'ର କେବେ ହେବନି ସମାପ୍ତି ।

ଏକର ପକ୍ଷକୁ ଲଗି ହତଭାଗ୍ୟ ଦଶମିକ ଦଳ,—
ଯୁଗେ ଯୁଗେ କଇବଇ ମୃତ ଆଉ ବ୍ୟର୍ଥର ବ୍ୟଥାରେ—
ଏତିକି ବୁଝିଚି ଏବେ କ୍ଷୁଣ୍ଣ ହୋଇ ମୃତ୍ୟୁର ବିନ୍ଦୁରେ
ମିଶି ପାରିବିନି କେବେ ଅଦ୍ୱିତୀୟ ବ୍ରହ୍ମର ସତ୍ତାରେ ।

ତେଣୁ ଏ ହୀନତା କିପାଁ, କାହିଁକି ଏ ଅସମ୍ଭବ ପଣ !
ତା'ଠାରୁ ବରଂ ଭଲ ମାନିଯିବା ଏକର ନାସ୍ତିତ୍ୱ ।
ଆବିଷ୍କାର ଯାହାହେବ, ହେବ ତାହା ନବ ଉଦ୍‌ଭବନ
ପ୍ରତ୍ୟେକ ନୂତନ ହେବ ଏକ ଏକ ମୂଳତମ ତତ୍ତ୍ୱ ।

★

Digitized by srujanika@gmail.com

॥ ଅନ୍ଧ ରାଉଟେକ ଗଲି ଦର୍ପଣ ବଙ୍କା ॥

ଲଣ୍ଡଣଟା ନିଭେଇ ଦେ' ଚୁପ୍‌ଚାପ କୁନିଲେ
ଅନ୍ଧକାରେ ଶିଶୁ ବି ଖୋଜେ ଥନର ଅଧିକାର
ଦୁମ୍ ଦୁମେଇ ଆଇଲ ମେଘ, ଜାକିଲ ଦୁଇ ଛାତି
ଗୁମା ଯୁଚଗ ବିଦ୍ୟୁତର ନିଅନ ବତୀ କା'ର ?

ରସରେ ଖାଲି ଫୁଟେଇ ଗଲି ଆଂଗୁଠି ଗୋଟି ଗୋଟି
ରଉରକେଲ କାହିଁକି ହେଲ ଖଟର କୋଣାରକେ
ମଣିଷ ବନ୍ଦୀ ହାବୁଡ଼ି ପଡ଼େ କାମୁଡ଼ି କାରଖାନା
ଖିଁକାର କାଢ଼େ ଖେତର ପୁଅ କଲ୍‌କତାର ଛୁଁକେ !

ଅସ୍ତ ଗଲ ମସ୍ତ ଏକ ଫସ୍କା ଯଉବନ
ଝୁଣ୍ଟି ଝୁଂଟି ରେଗରେ ସିନା, ବୟସ ମୋଟେ ମୋଡ଼େ
ସ୍ୱାତ୍‌ନିକର ହାଉଆ ହାଏ ଆମ୍ଭ ଘଟି ଘଟି
ବିଗାଡ଼ି ଗଲ ମଣିଷ ମଡ଼୍, କଢ଼ର କୋଡ଼େ କୋଡ଼େ ।

ସପନେ ଏବେ ଦେଖିଲେ କୁନି ଭୂତିଆ ଗତି ଟିରି
ଆକାଶେ ଯେତେ ଡାହାଣୀ ଆଉ' ସହରେ ଅବା ଯେତେ ।
ଛିଁଗୁଡ଼ି ହାତ ଗଡେଇ ଦେ' ବର୍ତ୍ତମାନ କିଛି,
କେତେ ତ ଅଛି କୁଢ଼କୁ କୁଢ଼ ବ୍ୟର୍ଥ ଭବିଷ୍ୟତ ।

★

Digitized by srujanika@gmail.com

॥ ନିର୍ବାସିତାର ବିଳାପ ॥

ମରମ ମାଜିଦେଲେ ପ୍ରୀତିର ପାଉଁଶରେ
ସବୁଜ ଶିରୀ କେତେ ଆଖିରେ ବତୁରେଲୋ
ଚଇତ ଚରିଯାଏ ରକତ–ମାଉଁସରେ
ଆତୁରେ ।

ଦନ୍ତର ଦାଆ ନେଇ ଦରଦୀ ଦୋସର ମୋ'
ସରଗ ବେଲସିଲ ବଖର କିଆରୀରେ
ପହିଲୁ ଗୁନ୍ଥବାରେ ଉଣା ତ ମାଣକ ମୋ
ଗୁଆଁରୀ !

କୁଆଁରୀ କଢ଼ିଟିଏ କାକରେ କୁହୁଳିଲ
ଖବର ତା'ର କାଇଁ ଖାତର କଲ କିଏ !
ମୋ କୋଳ କଷି ଅଗୋ ଅକାଳେ ମଉଳିଲ
ଝଇକି ।

ଥୋବର ମୁହେଁ ସିନା ଉଚୁକେ ହସ କେରେ
ଜିଭରେ କାହିଁ କହ ଆୟୁର ସୁଆଦ ମୋ
ଆଶାରେ ଲେସିଗଲ ଅପୁର ମାଣ ତଳେ
ମିଆଦ ।

Digitized by srujanika@gmail.com

ଛେଟଣୀ ପାଣ ପରି ଗୁମୁରି ଗୁମୁରି ଗୋ
ଗୁମରି ହେବ ସିନା ମାଗିଇ—ମିହନତି
କପାଳ କାଗଜ ତ ନ ଲେଖି ଗଲ ଚରି
ସିହାଣ ।

ବଖର ଡ଼ିହ ଆଉ ବଖର ଦିହ ନେଇ
ବଗଡ଼ା ଭତ ଆଉ ବଘର ଅ'ଣ ପୋଷେ
ବଗୁର ସାରୀ ସତେ ଅସର ଦିନ ପାଇଁ
କୃଷ୍ଣ ନାମ ଗାଇ
ଆଖିକି ମୁଦିଦେବ
ଅଚପ !

★

Digitized by srujanika@gmail.com

॥ ଆମେ ସବୁ ॥

ଆମେ ସବୁ ଚାଲିବା ଅଭ୍ୟାସ କରୁ ଛାତି ପରେ ପାଦ ରଖି ରଖି
ଏବଂ ଭୂତଙ୍କୁ ଚିଆଁଇ ଦେଇ ଶୋଇରହୁଁ ଚାଲିବାର ସ୍ୱପ୍ନେ ଥକି ଥକି ।
ଅଭ୍ର ଏବଂ ଅଧୂନାରେ ପ୍ରଚୁର ବିରକ୍ତି ଭରି (ତମେ ତାକୁ ବେଲୁନ୍ ବି କହ)
ଆମେ ସବୁ ଭସି ଯାଉଁ ଲକ୍ଷହୀନ ସଡ଼କ୍‌ରେ
ଏକସିନ୍, ଏକଦାର ପୁର୍ନଜନ୍ମ ଡାକି ॥

ଆମ ହାତେ ଅନେକ ସଂଚୟ–ସନ୍ଦେହ ଓ ଅବିଶ୍ୱାସ–ଆମ ଇତିହାସ
ମୁଖେ ଆମ ବଳକା ଉଦର ଯେତେ ସ୍ଫୀତ–ମୂଲ୍ୟ ଅଗଭୀର ହସ
ସେ ସବୁକୁ ବାଣ୍ଟି କୁଣ୍ଟି କୌଶଳରେ ସୁଖ ପାଇଁ; ଅଭୟ ଆଦାୟ କରୁ
ବିଜ୍ଞାନୁ, ଜଡରୁ, ପ୍ରକୃତି–ପରସ୍ତ ଆମେ ଅପ୍ରତ୍ୟୟୀ ଦଳ ଥରୁ ଥରୁ
ଆଶଙ୍କା ଓ ପ୍ରତୀକ୍ଷାରେ, ଖୁନ୍ଦା ହେଉ ପ୍ରଗତିର ଅବଜ୍ଞାତ ଶ୍ରମ ପ୍ରେରଣାରେ ॥

'ଚାଲିବା ଅଭ୍ୟାସ ରଖୁ–ବଞ୍ଚିବାର ଏଇ ଇ ଲକ୍ଷଣ, ଆମେ ଯା' ଜାଣିଚୁ
ଏବଂ ମଲପରେ ହାତଟେକି ଜୀବିତକୁ ଛୁଇଁ ଧାଡ଼ି ଆମ ସଳଖ ରଖିଚୁ
ସଂସ୍କୃତିରେ ଧୋଇଧାଇ ଝଳିଲ ବଣ୍ୟତା ଆମ ନିଶାଣର ଉର୍ଦ୍ଧ୍ୱେ ଟୋକିଦେଇ
ନିଖିଳରୁ ଇର୍ମି ଆସି ରେଣୁର ପରିଧି ଦେଇ
ଚାଲିଅଛୁଁ ନିରୀଶ୍ୱର ନିଃସ୍ୱତା ମୁହେଁଇ ॥

★

Digitized by srujanika@gmail.com

॥ ଗଦାଏ ଅସ୍ୱୀକୃତ ପ୍ରେମ ପତ୍ରର ଅଗ୍ନ୍ୟୁତ୍ସବରେ ॥

ଗଦା ଗଦା ନାଲି, ନୀଳ ହରରଙ୍ଗୀ କାଗଜରେ
ଥୋପା ଥୋପା ମରମର ସରମିତ ପରଶ।
ଚଢ଼ଟା ଚଢ଼ଟି କେତେ ଚଢ଼ତର ପେଡ଼ୀବାସ
ମହକିଲା ସଉକର ଆଖିପାଣି ବରଷା ... ...

ସେଇ ମରମ ସବୁ
ଆଜି ଏ ହୋମର ସମିଧ ।
ନିଆଁ ଚରି ଯାଉଛି, ରଙ୍ଗ କାଳି ଧରିଯାଉଛି
ଅନ୍ଧାରଟା ଭେଦି ଭେଦି ଯାଉଛି,
ମୃତ୍ୟୁମୁଖୀ ଅକ୍ଷର, ଶବ୍ଦ, ବାକ୍ୟ, ଅନୁଚ୍ଛେଦମାନଙ୍କର ଶୋଭାଯାତ୍ରା
ନିଭୃତ ଆତ୍ମଲିପିମାନଙ୍କର ମହାଯାତ୍ରା ଯେ ॥

ଅଗୋ ମୋର ଏକଦାର ସଙ୍ଗଷିଉଳୀମାନେ
ଚମରି ଛାଉଗୁଡ଼ାକରେ ନିଆଁ ଧରେଇ
ମୋ ବୟସର ଶୀତଳତାକୁ ସେକି ନେବା ଆଗରୁ
ଅପଗତ ବସନ୍ତମାନଙ୍କର ପରିମଳ ଦେଇ
ବର୍ତ୍ତମାନରହିମାର୍ଦ୍ର ଅନୁଭୂତି ଗୁଡ଼ାକୁ ଟିକିଏ ରଙ୍ଗେଇ ନିଏଁ ।

Digitized by srujanika@gmail.com

ମୁଁ ଆଜି ଅତୀତ ଅତଳୁ
ନିଭି ନିଭି ଯାଉଚି ଅନିଚ୍ଛାରେ; ମୋତେଇ
ଜଳେଇ ରଖିବା ଲାଗି, ନିର୍ବାଣମୁଖୀ ପ୍ରିୟତମା ଶିଖାମାନେ
ତମେ ନିଭି ଯାଅନା, ନିଭିଯାଅନା ... ...

କାଗଜର କୋଠରୀ ଭିତରୁ
ବାର୍ତ୍ତାବହ ଅକ୍ଷରମାନଙ୍କୁ ଖୋଜି ଖୋଜି ବିତାଇବା ଲାଗି
ଅନେକ୍ କ୍ଳାନ୍ତ ଅଳସ ନିର୍ଜନ ରୁକ୍ଷ ନିମେଷ
ଏବେବି ଅପେକ୍ଷମାଣ

... ... ତମେ ନିଭିଯାଅନା
ଯାଅନା

★

Digitized by srujanika@gmail.com

ଉନ୍ମେଷର ଉତ୍ତରଣକୁ

ଛାୟା ଉପଛାୟାର ପରିଧି ଭିତରେ କବି ମାନସର
ଜନ୍ମଯନ୍ତ୍ରଣା, ମୃତ୍ୟୁର ଉପଲବ୍ଧି, ଜୀବନ ଯାତ୍ରାର ବିସ୍ତୀର୍ଣ୍ଣ
ଭୂମିକା ଏକ ସନ୍ତୁଳିତ ଓ ଅଭୂତପୂର୍ବ ଆଲେଖ୍ୟ
ସୃଷ୍ଟି କରିଛି ।

ଏହି ପ୍ରକ୍ରିୟା ଭିତରେ ଦେଖାଦେଇଛି ପୃଥିବୀର
ହେତୁବାଦୀ ପୁଣି ଅହେତୁକ ଚେତନାର, କଳ୍ପନାର,
କଳନାର, ସଂଘର୍ଷର, ସନ୍ତୋଷର, ସମନ୍ୱୟର —ପୁଣି
ସପାଟପା ଜୀବନର ଏକ ସଂଭ୍ରମ ଓ ସନ୍ତ୍ରସ୍ତ ପଦକ୍ଷେପ ।

କଳ୍ପନାର ମାୟାଜାଲରୁ ଉଧୁରିବାକୁ ଚେଷ୍ଟା କରୁ
କରୁ କଳନାର ଧୂସର ଭୂମିକାରେ ଅବତୀର୍ଣ୍ଣ କବି
ରବୀନ୍ଦ୍ର କୁମାର ପାଢ଼ୀ । ସୃଷ୍ଟି ଚେତନାର ଏହି ବିବର୍ତ୍ତନ
ଭିତରେ ରୈଖିକ ଓ ଗୋଲକୀୟ ଘଟଣାବଳୀର
ସମାବେଶ ପୁଣି ଚରାଚରଗତ ଶବ୍ଦର ବିସ୍ଫୋରଣ—
ବୁଢ଼ୀର, ଟ୍ରାମର, ମଟର ଯାନର ପୁଣି—ନିଃଶବ୍ଦ କୋଳାହଳର ।

ସମୟର ବିବର୍ଣ୍ଣ ପୃଥିବୀ, ଶବ୍ଦରେ, ଧ୍ୱନିରେ
ରୂପକଳ୍ପର ଅଭିନବତ୍ୱରେ, ପରମ୍ପରା ଓ ପରିବର୍ତ୍ତନ ଭିତରେ
ଚାଲିଥିବା ଅନବରତ ସଂଗ୍ରାମ ଓ ସାନନ୍ଦ ଅନୁଭବକୁ
ରୂପାୟିତ କରିଛି ଧ୍ୱନ୍ୟାତ୍ମକ ଖାତରେ—କବି କଣ୍ଠରେ ।
ଅଭିଜ୍ଞତାର ଆସ୍ତରଣ ତଳେ ଏକ ଦୁର୍ଲଂଘନୀୟ
ବାସ୍ତବ ସତ୍ତା, ଭୂମାର ସହଜ ସରଳ ବା ଦାର୍ଶନିକ
ଜ୍ଞାନ ବା ଅଭିଜ୍ଞାନ ମାଧ୍ୟମରେ ସୃଷ୍ଟି କରିଛି ଚିରନ୍ତନ ପ୍ରଶ୍ନ ।

ଏହି ସଂଘାତ, ସମ୍ପ୍ରୀତି ଓ ସମ୍ବେଦନାର
ଅବଗାହନ ଓ ଅବବୋଧ, ପ୍ରଶ୍ନ ଓ ଉତ୍ତରର ଗୋଲକଧନ୍ଦା
ଯଦି ଜୀବନ, ତେବେ **ଛାୟା ଉପଛାୟା** ତାର ଅଭିଲେଖ ।

Digitized by srujanika@gmail.com